## ଘର ଭିତରକୁ ପଶିଲା ଟ୍ରକ୍, ୨ ଗୁରୁତର

ଗୋଲାମୁଣ୍ଡା/କେଗାଁ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ମକରାଗୁଡା ଗାଁର ଏକ ଘର ଭିତରେ ଭାରସାମ୍ୟ ହରାଇ ଟ୍ରକ୍ ପଶିଯିବାରୁ ୨ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ ମହାଲିଙ୍ଗ ପଟୁ ଆସୁଥିବା ଟ୍ରକ୍ (ନଂ.ଓଆର୦୮ଜି୯୨୯୯) ମକରାଗୁଡା ଗାଁର ବିଶ୍ୱମ୍ଭର ସାହୁ ଘର ଭିତରେ ପଶିଯାଇଥିଲା। ଫଳରେ ଘରେ ଥିବା ସ୍ୱାମୀସ୍ତ୍ରୀ ଦୁଇଜଣ ଗୁରୁତର ହୋଇଚଛନ୍ତି। ତାଙ୍କୁ ଅମ୍ବୁଲାନ୍ସରେ ତୁରନ୍ତ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଗ୍ରାମବାସୀ ଡ୍ରାଇଭରଙ୍କୁ କେଗାଁ ଥାନାରେ ହସ୍ତାନ୍ତର କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ପାଇଁ ଦାବିପତ୍ର

**କୋକସରା,୨୫।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ମଣ୍ଡଳ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ବିଡିଓ ଉତ୍ତମ କୁମାର ବାଗଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ବ୍ଲକ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, ଉପସଭାପତି ମୁକୁନ୍ଦ ପଟ୍ଟନାୟକ, ରଜନୀକାନ୍ତ ପଣ୍ଡା, ଗୋପାଳ ଅଗ୍ରୱାଲ, ନୀଳକଣ୍ଠ ମାଝି, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ଧର୍ମାନନ୍ଦ ନେଗି ଓ ଅନେକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

### ଜାତୀୟ ମତଦାତା ଦିବସ ପାଳିତ

**ବୋଡେନ,୨୫।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବିଜୁପଟ୍ଟନାୟକ ଡିଗ୍ରି କଲେଜ ଜାତୀୟ ସେବା ସଂସ୍ଥା ପକ୍ଷରୁ କଲେଜ ପରିସରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଅବନୀ କୁମାର ଖମାରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପିକା ପ୍ରୀତିସୁଧା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିବା ବେଳେ ଅଧାପକ ଅତିକ ଅହମ୍ମଦ ଖାନ୍ ଓ ଅଧାପକ ଗୌରହରି ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଡା. କିଶୋର କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ସନ୍ତୋଷ କୁମାର ମୁଣ୍ଡ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଭୋଟର ସଚେତନତା ପାଇଁ ଜାତୀୟ ସେବା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ନେଇ ସହମତି ପ୍ରକାଶ ପାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବୋଡେନ,୨୫।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ ଭାଜପା ପକ୍ଷରୁ ପ୍ରଧାନ ମନ୍ତ୍ରୀ ଆବସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ରାଜ୍ୟରେ ଆବାସ ଯୋଜନା ହିତାଧିକରୀ ତାଲିକାରେ ଅନେକ ଅଯୋଗ୍ୟ ହିତାଧରକାରୀଙ୍କ ନାମ ସ୍ଥାନିତ ହୋଇଥିବା ବେଳେ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ଅନିୟମିତତା ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ ସହ ଅଯୋଗ୍ୟଙ୍କୁ ତାଲିକାରୁ ବାଦ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ଦଳି ଦାବି କରିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତିଙ୍କ ସହ ଅତିନ୍ଦ୍ର ଜିତ ସିଂ, କିଶୋର ନାଗ, ମାଲଖମ୍ ନାଗ, ରାଜକିଶୋର ହେର୍ଣ୍ଡା, ହରି ପ୍ରଧାନୀ, ବେଣୁଧର ଜଗତ, ଦିନେଶ ମାଝି, ବିଜୟ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

### ଲେଖକଙ୍କ ସହ ମୁକ୍ତ ଆଲୋଚନା ଆସର

**ଖଡ଼ିଆଲ,୨୫।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷକ ଓ ସ୍ଥାନୀୟ ଲେଖକଙ୍କୁ ନେଇ ଭାବ ଆଦାନ ପ୍ରଦାନର ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଲ ଗବେଷଣା ପ୍ରତିଷ୍ଠାନ ଅଧକ୍ଷା ସଞ୍ଜୀବନୀ ସୁଧା ରଥ, ସମ୍ପାଦକ ନୀଳିମା ରାଣୀ ସାଗର, କୋଷାଧକ୍ଷ ଜୟଶ୍ରୀ ଦଣ୍ଡସେନାଙ୍କ ସମେତ ବିଶିଷ୍ଟ ଅନୁବାଦକ ଓ ପ୍ରାବନ୍ଧିକ ପ୍ରାଧାପକ ଲୋହିତାକ୍ଷ ଯୋଷୀ, ଔପନ୍ୟାସିକ ଓ କବି ପ୍ରାଧାପକ ସାମୁଏଲ ଦାନୀ, ଓଡ଼ିଆ ସାହିତ୍ୟ ସମାଲୋଚକ ଡା. ସୁଶାନ୍ତ କୁମାର ବିଶି ଏବଂ ସିଆରସିସି ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କିଶୋର ଅଗସ୍ତିଙ୍କ ଅଧକ୍ଷତାରେ ସାହିତ୍ୟିକମାନେ ତାଙ୍କ ସାଧନାସିକ୍ତ ସାରସତ ଜୟଯାତ୍ରାର ଅଲିଭା ସ୍ମୃତି ଅତ୍ୟନ୍ତ ମାର୍ମିକ ଭାବେ ଛାତ୍ରୀଛାତ୍ରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଛାତ୍ରୀଛାତ୍ରମାନେ କବି, ଲେଖକମାନଙ୍କୁ ସୃଷ୍ଟି ଓ ସ୍ରଷ୍ଟାଙ୍କ ଭାବ ଜଗତ ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଆସରରେ ଛାତ୍ରୀଛାତ୍ରମାନେ ପ୍ରଭାବିତ ହୋଇ ନିଜ ଜୀବନର ଲକ୍ଷ୍ୟ ବିଷୟରେ ମତ ରଖିଥିଲେ। ଏ ସବୁ ସେମାନଙ୍କ ଭବିଷ୍ୟତ ନିର୍ମାଣରେ ଅତ୍ୟନ୍ତ ପ୍ରେରଣାପ୍ରଦ ମନେହୁଏ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁପ୍ରଭା ମିଶ୍ର, ସୁଲକ୍ଷଣୀ ପ୍ରଧାନୀ, ପ୍ରଣତି ପ୍ରଧାନ, ସୁମିତ୍ରା ପଣ୍ଡା ଓ ଭଗବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଆଲୋଚନା ଆସରରେ ଉପସ୍ଥିତ ଥିଲେ।

# ୨୭ ଦିନ ହେଲା ଜଳ ଯୋଗାଣ ବନ୍ଦ

**ଲାଞ୍ଜିଗଡ଼,୨୫।୧(ଡି.ଏନ.ଏ.)**

**ଲାଞ୍ଜିଗଡ଼ ସହର**
- ଲୋକେ ହେଉଛନ୍ତି ହନ୍ତସନ୍ତ
- ୧୦ ଦିନ ମିଳୁଛି, ୨୦ ଦିନ ବନ୍ଦ
- ପଞ୍ଚାୟତ, ବ୍ଲକ ଅଫିସ ଘେରାଉ ଚେତାବନୀ



କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରରେ ଆଜକୁ ୨୭ଦିନ ହେଲା ପାଇପ ଯୋଗେ ଆସୁଥିବା ପାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ସହରର ବିଭିନ୍ନ ପଡାର ହଜାର ହଜାର ଲୋକ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଲାଞ୍ଜିଗଡ଼ଠାରେ ଜଳ ସଙ୍କଟ ଦୂର ପାଇଁ ୨୦୧୦ରେ ୧ କୋଟି ୩୦ ଲକ୍ଷ ଅଟକଳ ମୂଲ୍ୟରେ ନିକଟସ୍ଥ ବଂଶଧାରା ନଦୀରେ ୨ଟି ଷ୍ଟକ ଟାଙ୍କି ନିର୍ମାଣ ହୋଇଥିଲା। ସହର ବିଭିନ୍ନ ପଡାକୁ ଜଳ ଯୋଗାଣ ପାଇଁ ପାଇପ ବିଛାଯାଇଥିଲା। ଠିକାଦାରଙ୍କ ନିମ୍ନମାନର କାମ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ପାଇପଗୁଡିକ ନିମ୍ନମାନର ହୋଇଥିବାରୁ ନିର୍ମାଣର ୮ ମାସ ମଧ୍ୟରେ ଲାଞ୍ଜିଗଡ଼ ସହରରେ ଜଳ ଯୋଗାଣରେ ବ୍ୟାହତ ହୋଇଥିଲା। ଏ ନେଇ ପ୍ରଥମରୁ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ଲୋକଙ୍କ କଥାକୁ ଠିକାଦାର କିମ୍ବା କୌଣସି ଅଧିକାରୀ ଶୁଣି ନ ଥିଲେ। ଫଳରେ ମାତ୍ର ନିର୍ମାଣର ୮ ମାସ ପରେ ବିଛାଯାଇଥିବା ପାଇପ ବିଭିନ୍ନ ସ୍ଥାନରେ ଫାଟି ଯାଇଥିଲା। ଫଳରେ ଆଜକୁ ୧୧ ବର୍ଷ ହେଲା ପାଇପ ଫାଟିବା ଫଳରେ ମାସକୁ ବହୁ କଷ୍ଟରେ ୧୦ ଦିନ ପାଣି ମିଳୁଥିବା ବେଳେ ୨୦ଦିନ ବନ୍ଦ ରହୁଥିବାରୁ ଲୋକଙ୍କୁ ଠିକ ଭାବେ ଜଳ ଯୋଗାଣ ହୋଇପାରୁନାହିଁ। କିଛି ଦିନ ତଳେ ସହରର ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା କଡରେ ଥିବା ପାଇପ ଫାଟିବା ଯୋଗୁ ଲୋକେ ରାସ୍ତାରେ ଯାତାୟତ କରିବା ସମ୍ଭବ ହୋଇ ନ ଥିଲା। ପାଇପ ଲାଇନ ଓଲଡିଂ କାମ କରିବା ପରେ ପୁଣି ପାଣି ଛଡାଯିବ ବୋଲି କୁହାଯାଉଛି। କିନ୍ତୁ ଆଜକୁ ୨୭ ଦିନ ହେଲା ସହରର ପୂଜାରିପଡା, ଡ଼ମ୍ବିଶିପଡା, ଗଉଡ଼ପଡା, କଲୋନିପଡା, ପ୍ରଧାନୀପଡା, ରଜାପଡା ଓ ମହାଦେବ ପଡାକୁ ଜଳଯୋଗାଣ ବନ୍ଦ ଯୋଗୁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯଦି ଏହାର ସମାଧାନ କରା ନ ଯାଏ ତାହାହେଲେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ଲାଞ୍ଜିଗଡ଼ବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବ୍ଲକ ଜଳଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦଶମନ୍ତ ମାଝିଙ୍କୁ ପଚାରିବାରୁ ମୋଟର ପୋଡି ଯାଇଥିଲା। ତେଣୁ ଜଳ ଯୋଗାଣ ବନ୍ଦ ଥିଲା। ଆଜି ଆମର ଷ୍ଟାଫମାନେ ପୁରୁଣା ପୋଡି ଯାଇଥିବା ମୋଟର ବାହାର କରି ନୂଆ ମୋଟର ଆଣିବା ପାଇଁ ଯାଇଛନ୍ତି। ଆଣିବା ପରେ ଶୀଘ୍ର ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## କଳାହାଣ୍ଡିର ପଟ୍ଟାୟତ ସାହୁ ପାଇବେ ପଦ୍ମଶ୍ରୀ

**ଭବାନୀପାଟଣା,୨୫।୧(ସ୍ୱ.ପ୍ର.)**



- ଦେଢ଼ ଏକର ଜାଗାରେ ୨୫ ଶହରୁ ଊର୍ଦ୍ଧ୍ୱ ଔଷଧୀୟ ଗଛ ଲଗାଇ ଚର୍ଚ୍ଚାକୁ ଆସିଥିଲେ
- ମନ୍ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କରିଥିଲେ ପ୍ରଶଂସା

ଚର୍ଚ୍ଚାରେ ପୁଣି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନାନ୍ଦୋଲ ଗ୍ରାମର ପଟ୍ଟାୟତ ସାହୁ। ଗତ କିଛି ମାସ ତଳେ ନିଜ ଦେଢ଼ ଏକର ଜାଗାରେ ୨୫ ଶହରୁ ଊର୍ଦ୍ଧ୍ୱ ଔଷଧୀୟ ଗଛ ଲଗାଇ ଚର୍ଚ୍ଚାକୁ ଆସିଥିଲେ। ଏପରିକି ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମନ କି ବାତ କାର୍ଯ୍ୟକ୍ରମରେ ସାହୁଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯାହାକି ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ବର୍ତ୍ତମାନ ପଟ୍ଟାୟତ ସାହୁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଏହାକୁ ନେଇ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଏପରି କି କଳାହାଣ୍ଡି ଜିଲାରେ ସେ ପ୍ରଥମ କରି ପଦ୍ମଶ୍ରୀ ପାଉଥିବାରୁ ଏହାକୁ ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଭାଜପାର ବିକ୍ଷୋଭ, ଦାବିପତ୍ର ପ୍ରଦାନ

**ଭବାନୀପାଟଣା/ନୂଆପଡ଼ା ଅଫିସ, ୨୫।୧(ସ୍ୱ.ପ୍ର.)**



ଭବାନୀପାଟଣାରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ।

ପ୍ରଧାନ ମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ବୁଧବାର କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସ୍ଥାନୀୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭବାନୀପାଟଣାରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଧନୀ, ପୁଞ୍ଜିପତିଙ୍କ ନାମ ବାଦ ଦିଆଯାଇ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରାଯାଇଥିଲା। ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଜିଲା ପ୍ରତି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସମୟରେ ଭାଜପାର ଡ.ସୁନିତୀ ମୁଣ୍ଡ, ରୋହିତ ଦୁର୍ଗା, କେଶରୀ ଦୁର୍ଗା ପ୍ରମୁଖଙ୍କ ସହ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଜୁନାଗଡ ବ୍ଲକରେ ରାଜ୍ୟ କାରିଣୀ ସଦସ୍ୟ ମନୋଜ ମେହେରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ଭାଜପା କାଳିନ୍ଦ୍ରୀ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ବାଣୁଆ, ଚନ୍ଦ୍ରହାସ୍ୟ ବିଶ୍ୱାଲ, ନୃର୍ଯ୍ୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଡିଓ ଉପସ୍ଥିତ ନ ଥିବାରୁ ଜିପିଓ ରାଜେନ୍ଦ୍ର ଭୋଇ ଗ୍ରହଣ କରିଥିଲେ। ସେହିପରି ନୂଆପଡା ଜିଲା ଭାଜପା ପକ୍ଷରୁ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। କଳାହାଣ୍ଡି ଏମପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ରାମଚନ୍ଦ୍ର ଖାଡିଆଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ସଦସ୍ୟ ହୋମସିଂ ମାଝି, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ଦୃଷ୍ଟି ଚନ୍ଦ୍ର ମାଝି, ସୁଶାନ୍ତ ପତି, ସଦାନନ୍ଦ ଯୋଶୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ସାମିଲ ଥିଲେ।

## କୃଷକ ଗୋଷ୍ଠୀଙ୍କ ସଚେତନତା କାର୍ଯ୍ୟକ୍ରମ

**କୋକସରା,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଓ ଆତ୍ମାର ମିଳିତ ସହଯୋଗରେ ବୁଧବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ କୃଷକ ଗୋଷ୍ଠି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ପରାମର୍ଶ କେନ୍ଦ୍ର ଆତ୍ମାର ଅଧକ୍ଷ ରତୁରାଜ ମାଝିଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଜାମି ସୂର୍ଯ୍ୟା ରାଓ, ବିଡିଓ ଉତ୍ତମ କୁମାର ବାଗ, ବ୍ଲକ କୃଷି ଅଧିକାରୀ ହେମାନନ୍ଦ ମାଝି, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସହକାରୀ କୃଷି ଯନ୍ତ୍ରୀ ରଶ୍ମି ରଞ୍ଜନ ନାଏକ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସଭାପତି ମିଳିତ କୃଷକ ଏକତା ମଞ୍ଚ ଶିବ ପ୍ରସାଦ ପ୍ରଧାନୀ, ମତ୍ସ୍ୟ ଅଧିକାରୀ ଲଳିତ ମହାନନ୍ଦ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ ଯୋଗଦେଇ କୃଷି ଓ କୃଷକ ମାନଙ୍କ ପାଇଁ ରହିଥିବା ସରକାରୀ ଯୋଜନା ଆତ୍ମା ଅଧୀନରେ ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଛି କୃଷକ ମାନେ ଏହାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକର ଦୁଇ ସଫଳ ଚାଷୀ ଗୋକୁଳଚନ୍ଦ୍ର ଯୋଷୀ ଓ ଗୋଦାବରୀଶ ପାତ୍ର ଉପସ୍ଥିତ ଥିଲେ। ଆତ୍ମା ପକ୍ଷରୁ ବ୍ଲକର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ହଜାର ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଗୋଷ୍ଠି ବୈଷୟିକ ପରିଚାଳକ ଆଶିଷ ପାଟିଲ, ବୈଷୟିକ ପରିଚାଳକ ହିମାଂଶୁ ଭୂଷଣ ଦାସ, ପ୍ରଦୀପ କିଶୋର ରଣା, ତପନ କୁମାର ବୈବର୍ତ୍ତ ଭିଏଲଡବ୍ଲୁ କର୍ମଚାରୀ ଅଜିତ କୁମାର ସାହୁ, ଅଭିନାଶ ଠାକୁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କିଷନ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ କୃଷି ଅଧିକାରୀ ହେମାନନ୍ଦ ମାଝି ଧନ୍ୟବାଦ ଦେଇଥିଲେ।

## ରେଙ୍ଗାଲି ରୟାଲ ସ୍ୱାଇକର କ୍ରିକେଟ ଉଦ୍‌ଯାପିତ



ଟ୍ରଫି ସହ ବିଜେତା ଦଳ ଓ ଅତିଥିଗଣ।

**ସଇଁତଲା,୨୫।୧(ଡି.ଏନ.ଏ.)**

ସଇଁତଲା ବ୍ଲକ ଅନ୍ତର୍ଗତ କୁଇକେଡ଼ା ଖେଳ ପଡ଼ିଆଠାରେ ଚାଲିଥିବା ଚତୁର୍ଥତମ ରୟାଲ ସ୍ୱାଇକର କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚରେ ବ୍ଲକ ତଥା ବ୍ଲକ ବାହାରୁ ୧୬ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ପିପଲପଦର ଓ କୁମ୍ଭାରୀ ମଧ୍ୟରେ ହୋଇଥିଲା। ପିପଲପଦର ବିଜେତା ହୋଇଥିବା ବେଳେ କୁମ୍ଭାରୀ ଉପ-ବିଜେତା ହୋଇଥିଲା । କମିଟିର ସଭାପତି ସନ୍ତୋଷ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଫାଇନାଲ ଖେଳରେ ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମିତି ସଭ୍ୟ ଚନ୍ଦୁଲାଲ ଭୋଇ, ଈଶ୍ୱର ହରପାଲ, ରାଜକୁମାର ଭୋଇ, ପ୍ରମୋଦ ତାଣ୍ଡି, ବେଦବ୍ୟାସ ଭୋଇ ଓ ମକରଧ୍ୱଜ ତାଣ୍ଡି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଭରତ ବାଗ ଓ ବିଜୟ ବିଶି ଖେଳ ପରିଚାଳନା କରିଥିବା ବେଳେ ବିଶ୍ୱମ୍ଭର ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କାର୍ତ୍ତିକ ନାଗ ଓ ଯୁଗଲାଲ ନାଗ ଧାରା ବିବରଣୀ ପ୍ରଦାନ କରିଥିଲେ।

## କଳାହାଣ୍ଡିରେ କଂଗ୍ରେସର ଭାରତ ଯୋଡ଼ୋ ପଦଯାତ୍ରା

**ଭବାନୀପାଟଣା/କୋକସରା, ୨୫।୧(ସ୍ୱ.ପ୍ର./ନି.ଏନ୍.ଏ.)**


ଜୁନାଗଡ଼ରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରାରେ ରାଜ୍ୟ ସଭାପତି।

କଳାହାଣ୍ଡିରେ ବୁଧବାର କଂଗ୍ରେସର ଭାରତ ଯୋଡ଼ୋ ପଦଯାତ୍ରା ଆରମ୍ଭ ହୋଇଛି। ଭବାନୀପାଟଣା, ଜୁନାଗଡ଼ ଏବଂ କୋକସରାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭବାନୀପାଟଣା କଲେଜ ଛକଠାରେ ଏହି ଯାତ୍ରା ପହଞ୍ଚିବା ପରେ ସ୍ଥାନୀୟ ଟାଉନ କଂଗ୍ରେସ, ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅପରାହ୍ନରେ ଜୁନାଗଡ଼ଠାରେ ହୋଇଥିବା ଭାରତ ଜୋଡ଼ୋ ପଦଯାତ୍ରାରେ ମଧ୍ୟ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଯାତ୍ରା ଜୁନାଗଡ ସହରର ହିଙ୍ଗିଳିବାହିଲି ଛକଠାରୁ ବାହାରି ସହରର ମୁଖ୍ୟ ରାସ୍ତା ହୋଇ ଲଙ୍କେଶ୍ୱରୀ ମନ୍ଦିରଠାରେ ପହଞ୍ଚି ଥିଲା। ଯାତ୍ରାରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଯୋଗଦାନ କରିଥିଲେ। ଭାରତ ଯୋଡ଼ୋ ଯାତ୍ରା ଉପରେ ରାଜ୍ୟ ସଭାପତି ତଥା ଉପସ୍ଥିତ କର୍ମକର୍ତ୍ତା ଜନସାଧାରଣ ଅବଗତ କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ନଗର ସଭାପତି ଅମିତ ଅଗ୍ରୱାଲ, ପ୍ରଭାତ ଦାସ, ଚିତ୍ତ ରଞ୍ଜନ ନିଆଲ, ପୂର୍ବତନ ବ୍ଲକ ଅଧକ୍ଷ ତୁଳେଶର ନାଏକ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ। କୋକସରା ବ୍ଲକର ମୋଟେର, ଚିଲିଗୁଡା, କୋକସରା, କାଉଡୋଲା ଓ ଆମପାଣିଠାରେ ଭାରତ ଯୋଡ଼ୋ ପଦଯାତ୍ରାକୁ ସ୍ୱାଗତ କରିଥିଲେ। ଶରତ ପଟ୍ଟନାୟକ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ପିସିସି ସଭ୍ୟ ରବୀନ୍ଦ୍ର କୁମାର ପାଟଯୋଷୀ, ଦିଗାମ୍ବର ଦୁରିଆ, ପୁରୁଷୋତ୍ତମ ଗୁପ୍ତା, କୋକସରା ବ୍ଲକ ସଭାପତି ଘନଶ୍ୟାମ ଜାଲ, ବରିଷ୍ଠ ନେତା ଅଶୋକ ଅଗ୍ରୱାଲ, ନିମାଇଁ ଧ. ମାଝି ପ୍ରମୁଖ ସାମିଲ ହୋଇଥିଲେ।

## ଜୁନାଗଡ଼ରେ ପଞ୍ଚାୟତ ସମିତି ବୈଠକ


ବୈଠକରେ ଯୋଗଦେଇଥିବା ଅତିଥି।

**ଜୁନାଗଡ,୨୫।୧(ଡି.ଏନ.ଏ.)**

**ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଉପରେ ଗୁରୁତ୍ୱାରୋପ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା,ଏଇଇ ସୁଜିତ କୁମାର ଭୁୟାଁ,ଏମପି ପ୍ରତିନିଧି ଚନ୍ଦ୍ରହାସ୍ୟ ବିଶ୍ୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବ୍ଲକର ଉନ୍ନୟନ କାର୍ଯ୍ୟ ଖସଡା ଆର୍ଥିକ ୨୦୨୩-୨୪ବର୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଶିଶୁ ବିକାଶ, ଜଙ୍ଗଲ, ଅବକାରୀ, ପାନୀୟ ଜଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିପିଓ ରାଜେନ୍ଦ୍ର ଭୋଇ ବୈଠକ ପରିଚାଳନା କରିଥିଲେ। ସେହିପରି ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା/ସଭ୍ୟ ସମେତ ବିଭିନ୍ନ ବିଭାଗ ଅଧିକାରୀ କର୍ମଚାରୀମାନେ ଯୋଗଦେଇଥିଲେ।

## ଅମଲାପାଲି ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଖଡ଼ିଆଲ,୨୫।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅମଲାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିବେକାନନ୍ଦ ପୋଢ଼ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିବନ୍ଧୁ ପୁଞ୍ଜୀ ଉପସ୍ଥିତ ଥିବା ସହିତ ସହ-ଶିକ୍ଷକ ସିଦ୍ଧାର୍ଥ ଦାଶ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡାବିତ୍‌ମାନଙ୍କ ଦ୍ୱାରା କ୍ରୀଡା ପତକା ଅବତରଣ ପରେ ପ୍ରଧାନ ଶିକ୍ଷକଙ୍କୁ କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ ପତକା ପ୍ରଦାନ କରିଥିଲେ। ଶିକ୍ଷକ ଈଶ୍ୱର ଚନ୍ଦ୍ର ଷଣ୍ଢ ଦୈନନ୍ଦିନ ଜୀବନରେ କ୍ରୀଡାର ମହତ୍ତ୍ୱ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହାର ଗୁରୁତ୍ୱ ବୋଲି କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଅରେଡ଼ା ସରପଞ୍ଚ ପ୍ରତିମା ପୁଞ୍ଜୀ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। କାର୍ଯକ୍ରମରେ ବିଦ୍ୟାଳୟ ଶିକ୍ଷକ ମୁକେଶ ବାଗ, କିଶୋର ମେହେର, ହରିହର ଖମାରୀ, ପ୍ରକାଶ ବେହେରା, ଆଦର୍ଶ ଅରବିନ୍ଦ ପ୍ରଧାନ, ଦୀପ୍ତିରଞ୍ଜନ ଶତପଥୀ, ପ୍ରଶାନ୍ତ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ବିଦ୍ୟୁତ୍ ପ୍ରଭା ସାହୁ ଓ ଅନ୍ୟମାନେ ସହାୟତା କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରୁଦ୍ରପ୍ରତାପ ସିଂ ବାବୁ କ୍ରୀଡାର ଆଭିମୁଖ୍ୟ ଓ ବିବରଣୀ ପାଠ କରିଥିବା ବେଳେ ଖେଳ ଶିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ତଳମୁଣ୍ଡ ଚାଷୀଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନୂଆପଡ଼ା ଅଫିସ,୨୫।୧**


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ପାଣି ଆବଣ୍ଟନ ବିବାଦ ଘଟଣା**

ନୂଆପଡା ସଦର ବ୍ଲକ ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପର ପାଣି ଆବଣ୍ଟନ ବିବାଦ ସମାଧାନ ହେବାର ନାଁ ନେଉନାହିଁ। ଉଭୟ ପକ୍ଷ ନିଜର ଜିଦରେ ଅଟଳ ଅଛନ୍ତି। ଉପରମୁଣ୍ଡ ଚାଷୀ ପତୋରା ଡ୍ୟାମ ହିଡରେ ଧାରଣାରେ ବସିଥିବା ବେଳେ ତଳମୁଣ୍ଡ ଚାଷୀ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଧସେଇ ପଶି ଘେରାଉ କରିବା ସହ ଧାରଣାରେ ବସିଥିଲେ। କୌଣସି ଅଧିକାରୀ ଧାରଣାସ୍ଥଳକୁ ଶୀଘ୍ର ନ ଆସିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ମୁତାବକ ପାଣି ଆବଣ୍ଟନକୁ ନେଇ ପ୍ରତି ବର୍ଷ ବିବାଦ ଲାଗି ରହିଥିବାରୁ ଉଚ୍ଚ ନ୍ୟାୟାଳୟରେ ଏହା ବିଚାର ହୋଇଥିଲା। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ଉପରମୁଣ୍ଡ ଚାଷୀ ଗୋଟିଏ ବର୍ଷ ଏବଂ ଅନ୍ୟବର୍ଷ ତଳମୁଣ୍ଡ ଚାଷୀ ପାଣି ପାଇବାର ନିୟମ ରହିଛି। ଉପରମୁଣ୍ଡ ଚାଷୀ ପାଣି ପାଇ ସାରିଛନ୍ତି। ଏଥର ତଳମୁଣ୍ଡ ଚାଷୀଙ୍କ ପାଳି ରହିଛି। ଜାନୁୟାରୀ ୧ରେ ତଳମୁଣ୍ଡ ଚାଷୀଙ୍କୁ ପାଣି ଦେବା ପାଇଁ ଜିଲା ପ୍ରଶାସନ ଦିନ ଧାର୍ଯ୍ୟ କରିଥିଲା। ଉପରମୁଣ୍ଡ ଚାଷୀ ଜିରୋହେଡରୁ ପାଣି ଛଡାଯାଉ ବୋଲି ୧ ତାରିଖରୁ ଡ୍ୟାମ ହିଡରେ ଧାରଣାରେ ବସିଛନ୍ତି। ଅନ୍ୟପଟେ ତଳମୁଣ୍ଡକୁ ପାଣି ନ ମିଳିବାରୁ ଦୁଇ ଥର ଜାତୀୟ ରାଜପଥ ଅବରୋଧ କରିବା ସହ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ସହ ଘେରାଉ କରି ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପରେ ଏକ ପ୍ରତିନିଧି ଦଳ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରିଥିଲେ। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଆସି ଧାରଣାକାରୀଙ୍କୁ ଆସନ୍ତା ୨୭ ତାରିଖରେ ପତୋରା ଡ୍ୟାମ ପାଖକୁ ଯାଇ ୧ ରୁ ୫ ପର୍ଯ୍ୟନ୍ତ ଥିବା ସବୁ ଆଉଟଲେଟକୁ ମେଶିନ ଦ୍ୱାରା ସିଲ କରି ୬ ରୁ ୧୬କୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଉପରମୁଣ୍ଡ ଚାଷୀ ଜିରୋହେଡରୁ ପାଣି ଛଡାଯାଉ ବୋଲି ଜିଦରେ ଅଟଳ ରହି ଧାରଣା ଦେବା ସହ ୧ ରୁ ୫ ପାଣି ପଞ୍ଚାୟତ ଅଧୀନ ସବୁ ଗାଁର ଦୋକାନ ବଜାର ବନ୍ଦ କରି ମହାବନ୍ଦ ଡାକରା ଦେଇଛନ୍ତି।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଜାତୀୟ ମତଦାତା ଦିବସ

ବିନିକା (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ବୁଧବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରୁଦ୍ର ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ ଯୋଗଦେଇ ମତଦାତାର ଉପକାରିତା ବିଷୟରେ ବୁଝାଇଥିଲେ। ଅଧ୍ୟକ୍ଷ ନାୟକ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ମତଦାତାର ସଂକଳ୍ପ ପାଠ କରାଇଥିଲେ। ଅଧ୍ୟାପକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାବି ପୂରଣ ନ ହେଲେ ଅସହଯୋଗ

## ୬୬୨ କଲେଜ ସଂଘର ଚେତାବନୀ

ବରଗଡ଼ ଅଫିସ୍,୨୫।୧

ରାଜ୍ୟ ସରକାର ବେସରକାରୀ କଲେଜ କର୍ମଚାରୀଙ୍କ ଦରମା ବୃଦ୍ଧି କରିଛନ୍ତି । ମାତ୍ର ସମାନ କାମ କରୁଥିବା କେତେକ ଅଧ୍ୟାପକ କର୍ମଚାରୀ ଏଥିରେ ଉପକୃତ ହେଉଥିବାବେଳେ ଅନେକ ଏଥିରୁ ବାଦ୍ ପଡ଼ିଛନ୍ତି। ସମାନ ଦରମା ପାଉଥିବା ଦୁଇ ଗୋଷ୍ଠୀକୁ ଏହି ନିଷ୍ପତ୍ତି ଆଧାରରେ ସରକାର ଦୁଇ ଭାଗ କରି ଭାଙ୍ଗିଦେଇଛନ୍ତି। ତେଣୁ ନିଖିଳ ଓଡ଼ିଶା ୬୬୨(ଯୁକ୍ତ ୨, ଯୁକ୍ତ ୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଛି। ଏହି ନିଷ୍ପତ୍ତିରେ କ୍ୟାବିନେଟ ମୋହର ମାରିବା ପରଠାରୁ ୬୬୨ବର୍ଗର ଅଧ୍ୟାପିକା, ଅଧ୍ୟାପକମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି । ଏହି କ୍ରମରେ ବୁଧବାର ବରଗଡ଼ ଜିଲା ୬୬୨ବର୍ଗ ଧ୍ୟାପକ କର୍ମଚାରୀ ସଂଘ ତରଫରୁ ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସରକାର ତୁରନ୍ତ ଏହାର ପୁନର୍ବିଚାର ନ କଲେ ଫେବୃୟାରୀ ୩ରେ ଭୁବନେଶ୍ୱରରେ ମହାସମାବେଶ ଏବଂ ଆମରଣ ଅନଶନ ଆରମ୍ଭ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆବଶ୍ୟକସ୍ଥଳେ ଯୁକ୍ତ ୨ ଏବଂ ଯୁକ୍ତ ୩ ପରୀକ୍ଷାରେ ଅସହଯୋଗ ଏବଂ ମୂଲ୍ୟାୟନ ବର୍ଜନ କରାଯିବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ବରଗଡ଼ ଜିଲା ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ସମ୍ପାଦକ ସୁଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ ଜଗଦିଶ ଦେବତା, ଅଧ୍ୟାପକ ତାରିଣୀ ଦେବତା, ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।


ଅତିରିକ୍ତ ଜିଲାପାଳ ସଂଘ ପ୍ରତିନିଧିଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

## ସଂକ୍ଷେପରେ

### ବରଗଡ଼ରେ ଜାତୀୟ ମତଦାତା ଦିବସ

ବରଗଡ଼ ଅଫିସ, ୨୫।୧: ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ ଯୋଗଦେଇ ଅବାଧ ଏବଂ ମୁକ୍ତ ମତଦାନ ଉପରେ ବକ୍ତବ୍ୟ ରଖିଥିଲେ। ନୂତନ ଭାବେ ଭୋଟର ତାଲିକାରେ ସ୍ଥାନ ପାଇଥିବା ମତଦାତାଙ୍କୁ ଉପଜିଲାପାଳ ଲଲାଟ କୁମାର ଲୁହା ସମ୍ବର୍ଦ୍ଧନା ଜଣାଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନର ଗୁରୁତ୍ୱ ଉପରେ କହିଥିଲେ। ଏହି ଅବସରରେ ଭାରତର ନିର୍ବାଚନ କମିଶନଙ୍କ ଅଭିଭାଷଣକୁ ପ୍ରୋଜେକ୍ଟର ମାଧମରେ ପ୍ରଦର୍ଶିତ କରାଯାଇଥିଲା। ସେହିପରି ଜାତୀୟ ମତଦାତା ଦିବସ ଉପରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଛାତ୍ରୀଛାତ୍ର ଏବଂ ଗଣମାଧମ ପ୍ରତିନିଧିମାନେ ସଂକଳ୍ପ ନେଇଥିଲେ। ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ବୁଢ଼ାରଜା କ୍ରିକେଟ: ବରତୁଣ୍ଡା ବିଜୟୀ

ପାଇକମାଲ,୨୫।୧(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ଭୁତମୁଣ୍ଡା ଗ୍ରାମରେ ବୁଢ଼ାରଜା ସ୍ପୋର୍ଟସ କ୍ଲବ ତରଫରୁ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ଗ୍ରାମ୍ୟ କମିଟି ସଭାପତି ସୁବାଷ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଲବ ପଟେଲ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଜଗଦୀଶ ନାୟକ, ଅକ୍ରୁର ମାଝୀ, ମହେନ୍ଦ୍ର ପଟେଲ, ଭଜନ ପ୍ରଧାନ, ରୂପାନନ୍ଦ ବଡ଼େଇ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଡୁମେରବାହାଲ ଓ ବରତୁଣ୍ଡା ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ବରତୁଣ୍ଡା ଦଳ ବିଜୟୀ ହୋଇଥିଲା। ଅମିୟ ମାଝୀ ଓ ସୌମ୍ୟ ମହାନ୍ତି ଖେଳ ପରିଚାଳନା କରିଥିଲେ। ରାଜେଶ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିବେ । ଆସନ୍ତା ୨୯ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମନ୍ମଥ ମହାନ୍ତି, ଅମିୟ ପ୍ରଧାନ, ଆଶିଷ ପ୍ରଧାନ, ଯଦୁମଣି ମାଝୀ, ମଳୟ ମହାନ୍ତି, ଦିଲ୍ଲୀପ ବଢ଼େଇ, ଭରତ ବଢ଼େଇ, ହେମନ୍ତ ପ୍ରଧାନ, ଚକ୍ରଧର ପ୍ରଧାନ, ଭରତ ଧରୁଆ ପ୍ରମୁଖ ସହଯୋଗ କରିଥିଲେ ।

### ଜିଲାପାଳ ହେଲେ ସମ୍ବର୍ଦ୍ଧିତ

ବୌଦ୍ଧ, ୨୫।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ୨୦୨୩ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବୌଦ୍ଧ ଜିଲାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ତ୍ରୟୋଦଶ ଜାତୀୟ ମତଦାତା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।


ଜିଲାପାଳ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ ଅନ୍ୱେଷ

ଅମରପାଲି,୨୫।୧(ଡି.ଏନ.ଏ.)


ଅନ୍ୱେଷ ହୋତା

ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଉଦୟୀମାନ ଖେଳାଳି ଅନ୍ୱେଷ ହୋତା । ଓଡ଼ିଶା ଟାଏକୋଣ୍ଡୋ ସଂଘ ପକ୍ଷରୁ ନିକଟରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ ସହ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି ଅନ୍ୱେଷ । ଆସନ୍ତା ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ରାଇବରେଲିରେ ହେବାକୁ ଥିବା ଜାତୀୟ ଅଫିସିଆଲ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସେ ଭାଗ ନେବେ । ଏଣୁ ସେ ବୁଧବାର ଭୁବନେଶ୍ୱରରୁ ଓଡ଼ିଶାର ଟିମ୍ ସହିତ ରାଇବରେଲି ଗସ୍ତ କରିଛନ୍ତି । ଏହା ପୂର୍ବରୁ ସେ ୬ଥର ଜାତୀୟ ଏବଂ ତିନି ଥର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ମେଡାଲ ଜିଣି ସାରିଥିବା ବେଳେ ଚଳିତଥର ମଧ ତାଙ୍କୁ ସଫଳତା ମିଳିବ ବୋଲି ଅଶା ବାନ୍ଧିଛନ୍ତି । ଅନ୍ୱେଷଙ୍କ ସଫଳତା ପାଇଁ ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱାଣେ,ଜିଲା କ୍ରୀଡା ଅଧିକାରୀ ଅଭିଲାଷ ମିଶ୍ର, ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ,ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା,ବରିଷ୍ଠ କ୍ରୀଡାବିତ ପୀତାମ୍ବର ସାହୁ, ବରିଷ୍ଠ ଖବରଦାତା ଶେଷଦେବ ବାରିକ,ଯୁଗଳ କିଶୋର ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ଏବେବି ପ୍ରକୃତ ଚାଷୀଙ୍କ ପାଖରେ ରହିଛି ଧାନ


ପଦ୍ମପୁର ମଣ୍ଡିରେ ଅଧିକାରୀମାନେ ଧାନ ଉପରେ ରିପୋର୍ଟ ସଂଗ୍ରହ କରୁଛନ୍ତି।

ପଦ୍ମପୁର,୨୫।୧(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଅଧୀନ ସବୁ ମଣ୍ଡିରେ ଧାନ ଗଦା ହୋଇଥିବା ବେଳେ ମିଲର୍ସ ଟ୍ୟାଗ୍ ନ ଥିବାରୁ ଧାନ ଉଠିପାରୁନାହିଁ । ଅପରପକ୍ଷେ ୨୩ ତାରିଖ ସୁଦ୍ଧା ଚାଷୀମାନେ ସେମାନଙ୍କ ଧାନ ମଣ୍ଡିକୁ ଆଣିବେ ଏବଂ ୨୪ ଓ ୨୫ ତାରିଖରେ ପ୍ରଶାସନିକ ଅଧିକାରୀ ଗ୍ରାଉଣ୍ଡ ଜିରୋ ରିପୋର୍ଟ ସଂଗ୍ରହ କରି ପଠାଇବାକୁ ଜିଲାପାଳ ଗତ ୨୦ ତାରିଖରେ ଚିଠି କରିଥିଲେ। ଏହି କ୍ରମରେ ବର୍ତ୍ତମାନ ସୁଦ୍ଧା ପଦ୍ମପୁର ଉପଖଣ୍ଡର ୮୧ଟି ମଣ୍ଡିରେ ୧୦ ଲକ୍ଷ ୯୩ ହଜାର ୯୯୨ ପ୍ୟାକେଟ ଧାନ ପଡିରହିଛି। ଗତ ଦୁଇଦିନ ଧରି ତହସିଲଦାର ତାପସ ବିଶି, ଯୋଗାଣ ବିଭାଗ ସହକାରୀ ଅଧିକାରୀ ଅଧିକାରୀ ମାଝୀଙ୍କ ସମେତ କର୍ମଚାରୀମାନେ ବିଭିନ୍ନ ମଣ୍ଡିରେ ପହଞ୍ଚି ରିପୋର୍ଟ ସଂଗ୍ରହ କରିଛନ୍ତି। ତେବେ ଏହି ଧାନ କେବେ ଉଠିବ ସେ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଜୟକିଷାନ ସଂଘର ନେତା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି, ଜିଲାପାଳ ଯେଉଁ ଗୋଟିଏ ଦିନରେ ମଣ୍ଡିକୁ ଧାନ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ତାହା ଭୁଲ। ବର୍ତ୍ତମାନ ମଧ ପ୍ରକୃତ ଚାଷୀଙ୍କ ପାଖରେ ଧାନ ରହିଯାଇଛି। ଏ ସମ୍ପର୍କରେ ବରଗଡ଼ ଜିଲା ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନଙ୍କୁ ପଚାରିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ କାହାର ଟୋକନ ଲାପ୍ସ ହୋଇନାହିଁ। ମଣ୍ଡିରେ ଯେତିକି ଧାନ ଜମା ଅଛି ତାହା ଶୀଘ୍ର ବିକ୍ରି ହେବ ବୋଲି ସେ କହିଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ବରଗଡ଼ ଅଫିସ୍/ସୋହେଲା,୨୫।୧

ବରଗଡ଼ ଜିଲା ସୋହେଲା ବ୍ଲକରେ ମଙ୍ଗଳବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ଆତ୍ମା, ବରଗଡ଼ ଓ ଓଡ଼ିଶା ମିଲେଟ୍ସ ମିଶନ ୱାସନର ମିଳିତ ସହାୟତା ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେଶନ ସହଯୋଗରେ ଚିରସବୁଜ କୃଷକ ଉତ୍ପାଦକ କମ୍ପାନୀ ମାଣ୍ଡିଆ ମଣ୍ଡି ପରିଚାଳନା ଦାୟିତ୍ୱ ବହନ କରିଛି। ଖରିଫ୍ ୨୦୨୨-୨୦୨୩ ବର୍ଷ ପାଇଁ ବ୍ଲକ ଅଧୀନ ୧୦ ପଞ୍ଚାୟତ ୨୪ ଗ୍ରାମର ୩୪୪ଜଣ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରି ଟିଡିସିସି ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ କମ୍ପାନୀର କାର୍ଯ୍ୟକ୍ରମ ରହିଛି । ୨୦୨୨-୨୦୨୩ ବର୍ଷରେ ୩୪୪ଜଣ ଚାଷୀଙ୍କ ୨୧୨.୯ ହେକ୍ଟର ଚାଷଜମିରେ ମାଣ୍ଡିଆ ଚାଷ ହୋଇଛି। ଚାଷୀଙ୍କ ଉତ୍ପାଦିତ ମାଣ୍ଡିଆର ଠିକ୍ ବିକ୍ରୟ ପାଇଁ ସୋହେଲା ବ୍ଲକର ମରେକେଲ, କନାପାଲି, ଜାମଛପରଠାରେ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି। ସରକାର ଚଳିତବର୍ଷ ଏଫ୍‌ଏକ୍ୟୁ ମାନର ମାଣ୍ଡିଆ କୁଇଣ୍ଟାଲ ପ୍ରତି ୩୫୭୮ ଟଙ୍କାରେ କିଣିବାକୁ ଦର ଧାର୍ଯ୍ୟ କରିଛନ୍ତି। ମରେକେଲ ଗ୍ରାମରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ସମୟରେ ଟୁଙ୍ଗିବନ୍ଧଲି ପଞ୍ଚାୟତର ବାଲ୍ମିକୀ ପାଣ୍ଡେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମିଲେଟ୍ସ ମିଶନର ବ୍ଲକ କୃଷି ଅଧିକାରୀ ପ୍ରାଣବନ୍ଧୁ ସାହୁ, ସହ କୃଷି ଅଧିକାରୀ ସରିତା ବରାଳ, ଭିଏଡବ୍ଲ୍ୟୁ ଯଜ୍ଞ ମଲ୍ଲିକ, ଜିଲା ମିଲେଟ୍ସ ମିଶନ ସଂଯୋଜକ ସବ୍ୟସାଚୀ ହନୁମାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ୨୫ ଚାଷୀଙ୍କଠାରୁ ୩୫୫ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା। ବ୍ଲକ ସଂଯୋଜକ ଗୌରଚନ୍ଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସଂଯୋଜକ ମଶାଲୁ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।


ମାଣ୍ଡିଆ ମଣ୍ଡି ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ।

# ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳିତ

ଡୁଙ୍ଗୁରିପାଲି,୨୫।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟର ସେମିନାର ହଲଠାରେ ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ସମସ୍ତ କର୍ମଚାରୀଙ୍କୁ ନେଇ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାକୁ ଅଧ୍ୟାପକ ସୁଭାସ ଚନ୍ଦ୍ର ଭୁଏ ସଞ୍ଚାଳନା କରିଥିଲେ। ଏଥିରେ ଅଲ ଇଣ୍ଡିଆ ଡେମୋକ୍ରାଟିକ ଆସୋସିଏଶନ ବଲାଙ୍ଗୀର ଶାଖାର ସମ୍ପାଦକ ମଧୁସୂଦନ ବାଗ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଓ ବିପ୍ଳବ, ଆଜାଦ ହିନ୍ଦ ଫୌଜ ତଥା ସ୍ୱାଧୀନତା ସମୟର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନେତାଜୀଙ୍କ ସମ୍ପର୍କରେ ଅନ୍ୟ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଯୋଗେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମନୋହର ସାଂସ୍କୃତିକ ସଂସଦର ସମ୍ବଲପୁରୀ ଭେଟ୍


ଭେଟ୍‌ଘାଟ୍ ଉତ୍ସବରେ ଅତିଥି ଏବଂ କବିଗଣ।

ଭେଡେନ, ୨୫।୧(ଡି.ଏନ.ଏ)

ମାଁ, ମାଟି ଓ ମାତୃଭାଷାର ସ୍ୱୀକୃତି ସ୍ୱାଭିମାନୀ ମଣିଷ ପାଇଁ ସର୍ବଦା ଆବଶ୍ୟକତା ରହିଛି। ଯେବେ ମାତୃଭୂମି ଓ ମାତୃଭାଷା ପ୍ରତି ଅବହେଳା ହୋଇଛି ଉଲ୍‌ଗୁଲାନ୍‌ର ମନ୍ତ୍ର ଫୁଙ୍କିଛନ୍ତି ପଶ୍ଚିମଓଡିଶା ମାଟିର ବୀର ପୁରୁଷଗଣ। ମାଁ, ମାଟିର ଅସ୍ମିତା ପାଇଁ ସାଧାରଣ ନାଗରିକ ମଧ ସମ୍ବଲପୁରୀ ଭାଷା ସାହିତ୍ୟର ମହାକୁମ୍ଭରେ ବୁଡ ପକାଇ ନିଜକୁ ସାମିଲ କରିବାର ଧାରା ଅୟମାରମ୍ଭ ବୋଲି ଭେଡେନ ବ୍ଲକ ତେନ୍ତୁଲିଟିକ୍ରାଠାରେ ମଙ୍ଗଳବାର ମନୋହର ସାଂସ୍କୃତିକ ଅନୁଷ୍ଠାନର ଭେଟଘାଟ ଉତ୍ସବରେ ମତ ପ୍ରକାଶପାଇଛି। ସାହିତ୍ୟିକ ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନାଟ୍ୟକାର ପ୍ରଫେସର କେଶରଞ୍ଜନ ପଧାନ ମୁଖ୍ୟ ଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ 'ସମ୍ବଲପୁରୀ ଭାଷା ଆନ୍ଦୋଳନ୍ ଆର୍ ଆମେ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ମନୋହର ପତ୍ରିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଜୁହାର ପରିବାର ଦିଲ୍ଲୀ, ଡାଲଖାଇ ଫାଉଣ୍ଡେଶନ ବାଙ୍ଗାଲୋର, ରାଜସ୍ଥାନରୁ ହଲଧର ସାହିତ୍ୟ ହିନ୍ଦୀ ଅନୁବାଦକ ଦୀନେଶ ମାଲି, ଛତିଶଗଡର ନାଟ୍ୟକାର ରାଧେଶ୍ୟାମ ବାରିକ, ପଦ୍ମପୁରର ଭିନ୍ନକ୍ଷମ କଳାକାର ସୁର ଦାଶ, କଳାହାଣ୍ଡିର ବାସୁଦେବ ସୁନାନୀ, ସୋନପୁରର ବିପିନ ଜାଲ, ନାଟ୍ୟକାର ଭିକାରୀ ଚରଣ ପଧାନ, ବଲାଙ୍ଗୀରର ଫେସବୁକ୍ କବି ରକ୍ମଣି ବିଶ୍ୱାଳ, ସମ୍ବଲପୁର କଥାକାର ଲକ୍ଷ୍ମୀନାରାୟଣ ପଣ୍ଡା, ସୁନ୍ଦରଗଡର କବି ଯୁବ ରାଜସା, ବରଗଡର ଆଲୋଚକ ପରଦେଶୀ ବାରିକ, ସମ୍ବଲପୁରରୁ କବି ଗୁନରଞ୍ଜନ ସାଲିମା ଓ ରେମଣ୍ଡାର ଶିଶୁ ପ୍ରତିଭା ଆର୍ଯ୍ୟନ ମହାନନ୍ଦଙ୍କୁ ମନୋହର ସମ୍ମାନରେ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାନ, ଅଧ୍ୟାପକ ସନ୍ତୋଷ ତ୍ରିପାଠୀ ସ୍ୱାଗତ ଭାଷଣ ଓ ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦିଲୀପ ଦେବତାଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ହୋଇଥିଲା। ରକ୍ଷାକାରୀ ବିଶି, ଅଧ୍ୟାପକ ରାମଚନ୍ଦ୍ର ସାହୁ, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ନିହାରିକା ଗିରି, ଦିବାକର ମାଝି, ଗୋବିନ୍ଦ ନାଗ, ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। କବି ଧ୍ରୁବଚରଣ ପଧାନ, ନାରାୟଣ ଭୋଇ, ସତ୍ୟନାରାୟଣ ପାଢୀ, ସଞ୍ଜୟ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବି ବିନୋଦ ବୈକୋରଙ୍କ ପତ୍ରିକା ଉଁକିଆଜନ୍ ଲୋକାର୍ପିତ ହୋଇଥିଲା।

# ସିରଜିନାର ବାର୍ଷିକୋତ୍ସବ

ପଦ୍ମପୁର ୨୫।୧

ବରଗଡ଼ ଜିଲା ପଦ୍ମପୁର ଅନ୍ତର୍ଗତ ବୁଧାପାଲିଠାରେ ସିରଜିନା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ସ୍ୱାମୀଶ୍ରୀ ଜୟଦେବ ଭାରତୀ ଓ ଭାରତୀ ପଣ୍ଡାଙ୍କୁ ସିରଜିନା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ପ୍ରତିଭାଧାରୀଙ୍କୁ କବିତା, କଥାନୀ, ନୁଆଁ ମୁହୁଁ ସିରଜିନା ସେବା, ସଙ୍ଗୀତ ସାଧନ ସମ୍ମାନ ପ୍ରଦାନ କରାଯାଇଥିଲା। ବିଧାୟିକା ବର୍ଷା ସିଂ ବରିହା, ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଜେନ୍ଦ୍ର ପାଢୀ, ଯୁବନେତା ରାଜୁ ଘିବେଲା, ଏନ୍‌ଏସି ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଭୀଷ୍ମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡିଗ୍ରୀଲାଲ ଦାଶ, ଦୁଲାମଣି ପଟେଲ, ସୁଶାନ୍ତ ମହାପାତ୍ର, ଅବନୀକାନ୍ତ ସାହୁ, ଆଦିତ୍ୟ ରଥ, ଆଖଣ୍ଡଳ ଦାଶ, ନରୋତ୍ତମ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ମହାଶିବରାତ୍ରି ପାଇଁ କଂସ ବରଣ


କଂସ କଳାକାରଙ୍କୁ ବରଣ କରାଯାଉଛି।

ବରପାଲି,୨୫।୧(ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକ ଖେମେସରା ଗ୍ରାମରେ ଫେବୃୟାରୀ ୧୮ତାରିଖ ମହାଶିବରାତ୍ରି ଅବସରରେ ୩ ଦିନ ଧରି କଂସ ଦରବାର ଅନୁଷ୍ଠିତ ହେବ। ଖେମେସରା ଗ୍ରାମବାସୀ ଓ ସରପଞ୍ଚ ରାଜୀବ ସାହୁଙ୍କ ନେତୃତ୍ୱରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଂସ ଭୂମିକାରେ ଅଭିନୟ ପାଇଁ ସୁଶୀଲ ନାଏକଙ୍କୁ ବୁଧବାର ବରୁଣ କରାଯାଇଛି। ଶିବରାତ୍ରି ଅବସରରେ କଂସ ଦରବାର ସାଙ୍ଗକୁ ମିନାବଜାର ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସରପଞ୍ଚ ରାଜୀବ ସାହୁ ସୂଚନା ଦେଇଛନ୍ତି।

# ଜାତୀୟ ଭୋଟର ଦିବସରେ ମାନବଶୃଙ୍ଖଳ

ବୌଦ୍ଧ,୨୫।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଜାତୀୟ ମତଦାତା (ଭୋଟର) ଦିବସ ବୁଧବାର ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଭୋଟରମାନଙ୍କୁ ଭୋଟଦାନରେ ସକ୍ରିୟ ଅଂଶଗ୍ରହଣ କରିବା ନିମନ୍ତେ ଏକ ମାନବଶୃଙ୍ଖଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମାନବ ଶୃଙ୍ଖଳ ହାତୀଶାଳଛକ ଠାରୁ ଆରମ୍ଭ ହୋଇ ଜିଲା ଷ୍ଟାଡିୟମ, ପୋଷ୍ଟ ଅଫିସ ଛକ, ଗାନ୍ଧୀଛକ ଓ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ସମସ୍ତ ଏନଜିଓ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଆଇନଜୀବୀ, ବରିଷ୍ଠ ନାଗରିକଙ୍କୁ ନେଇ ପ୍ରାୟ ୫୦୦୦ ସାମିଲ ଥିଲେ। ପରେ ସହରର ଟାଉନହଲ ଠାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ଡେପୁଟି କଲେକଟର ସତ୍ୟଜିତ ମହାପାତ୍ର ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନୂତନ ଭୋଟରମାନଙ୍କୁ ଭୋଟକାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପବିଭାଗ ଅଧିକାରୀ ବିଜୟ ପାଢୀ, ବରିଷ୍ଠ ରାଜସ୍ୱ ସହାୟକ ସରୋଜ ବେହେରା, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ମେହେର, ମନୋଜ ବେହେରା ଉପସ୍ଥିତ ଥିଲେ।


ଜାତୀୟ ଭୋଟର ଦିବସରେ ମାନବ ଶୃଙ୍ଖଳ।

# ଜିଲାପାଳଙ୍କ ଅଫିସ ଘେରାଉ

ବୌଦ୍ଧ,୨୫।୧(ସ୍ୱ.ପ୍ର.)

ଓଡ଼ିଶା ଅସ୍ପୃଶ୍ୟ ଅନୁସୂଚିତ ଜାତି ସୁରକ୍ଷା ପରିଷଦ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ୫ ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ବବିତାରଣୀ ଦଳବେହେରା ଗ୍ରହଣ କରିଛନ୍ତି। ଅନୁସୂଚିତ ଲୋକଙ୍କ ପାଇଁ ସରକାର ବ୍ୟବସ୍ଥିତ ନିୟମ ଅନୁସାରେ କିଛି ଅସ୍ପୃଶ୍ୟ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ଏହା ବ୍ୟତୀତ ତିନୋଟି ନକଲି ଓବିସି ବର୍ଗର ଲୋକଙ୍କୁ ଜାଲିଆତି କରି ୧୯୭୯ରେ ଯୋଡାଯାଇଥିଲା। ଫଳରେ ଅସ୍ପୃଶ୍ୟ ବର୍ଗର ନ୍ୟାୟିକ ତଥା ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ପରିଷଦର ଜିଲା ଆବାହକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ କୋର୍ଟଛକସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାରଙ୍କର ନକଲି ତିନଟି ପଛୁଆଁ ଜାତିକୁ ଅନୁସୂଚିତ ଜାତି ତାଲିକାରୁ ବାଦ ଦେବାକୁ ଦାବି କରାଯାଇଥିଲା। ଏଥିରେ ସଙ୍ଗଠନର ଜିଲା ସଭାପତି ଜାମିନୀ ମୁଖି, ସାଧାରଣ ସମ୍ପାଦକ ଜୟରାମ ହରିପାଲ, ଅମଲ ବେହେରା, ଜିଲା ପାଣଗଣ୍ଡା ସମାଜ ବିକାଶ ପରିଷଦର ସଭାପତି ବଟକୃଷ୍ଣ ପ୍ରଧାନ, ନନ୍ଦନୀ ନାଏକ ପ୍ରମୁଖ ସାମିଲ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଉଛି।

## ସଂକ୍ଷେପରେ

### ନାବାଳିକା ଛାତ୍ରୀ ନିଖୋଜ, ଥାନାରେ ଅଭିଯୋଗ

**କୁତ୍ରା, ୨୫।୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଡାହିଜିରାସ୍ଥିତ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସରକାରୀ ବାଳିକା ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀର ଛାତ୍ରୀ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ବିଦ୍ୟାଳୟର ଛାତ୍ରୀ ନିବାସରେ ରୁହନ୍ତି। ତେବେ ମଙ୍ଗଳବାର ସକାଳେ ବିଦ୍ୟାଳୟରୁ କୁଆଡ଼େ ନିଖୋଜ ହୋଇଯାଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବା ପରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ନ ପାଇବାରୁ ଉପରିସ୍ଥ ଅଧିକାରୀ ଏବଂ ପରିବାର ବର୍ଗଙ୍କୁ ଜଣାଇଥିଲେ। ପରେ କୁତ୍ରା ଥାନାରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନି ନାଏକ ଲିଖିତ ଅଭିଯୋଗ କରିଥିବା ଜଣାଇଛନ୍ତି। ଏହାକୁ ନେଇ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମହୋନ ପ୍ରଧାନଙ୍କୁ ପଚାରିବାରୁ ଥାନାରେ ଅଭିଯୋଗ ହୋଇଥିବା ସହିତ ଖୋଜାଖୋଜି ଚାଲିଥିବା ସୂଚନା ଦେଇଛନ୍ତି। ବିଦ୍ୟାଳୟର ଚାରିପଟେ ପାଚେରି ରହିଛି। ଶିକ୍ଷୟିତ୍ରୀଶିକ୍ଷକ, ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଛାତ୍ରୀ ଜଣକ କିଭଳି ଭାବରେ ବିଦ୍ୟାଳୟରୁ ନିଖୋଜ ହୋଇଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅଦ୍ୟାବଧି ଛାତ୍ରଙ୍କ ପତ୍ତା ମିଳିନାହିଁ। ବାପା, ମା' ତଥା ପରିବାରବର୍ଗ ଭାଙ୍ଗି ପଡିଛନ୍ତି।

### ମାତୃଶିକ୍ଷା ସଚେତନତା କର୍ମଶାଳା

**ଝାରସୁଗୁଡ଼ା ଅଫିସ,୨୫।୧:** ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିର ତରଫରୁ କଇଁତରା ଗ୍ରାମ ନିକଟ ଇବ୍ ନଦୀ କୂଳରେ ମାତୃଶିକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ପୌର ପରିଷଦ ୯ନଂ ୱାର୍ଡର ପ୍ରତିମା ଭଇଁସାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ବିଦ୍ୟାଳୟ ସମ୍ପାଦକ ଦିଗମ୍ବର ମାଝି ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆଇନଜୀବୀ ରଘୁମଣି ପଟେଲ ମୁଖ୍ୟଅତିଥି, ପି ସଞ୍ଜୁକ୍ତା ରାଓ, ପଞ୍ଚପଡା ସିଆର୍‌ସିସି ସୁରଜ ପଟେଲ, କଇଁତରା ଗ୍ରାମ୍ୟ କମିଟି ସଭାପତି ଗାନ୍ଧୀ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ପ୍ରେମାନନ୍ଦ ପଟେଲ ଓ ଉଦିତ ପଣ୍ଡାଙ୍କ ମିଳିତ ସଂଯୋଜନାରେ ମା'ମାନଙ୍କ ମଧ୍ୟରେ ଆମ ମା କମ୍ ନୁହନ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ମଧ୍ୟରେ ମୁଁ ବି କମ୍ ନୁହେଁ ପ୍ରତିଯୋଗିତା କରାଯାଇ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଧନ୍ୟବାଦ ଦେଇଥିଲେ।

### ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ

**ସୁନ୍ଦରଗଡ଼, ୨୫।୧(ଡି.ଏନ.ଏ.):** ବିଦ୍ୟାଳୟ ଏବଂ କଲେଜ ଛାତ୍ରୀ,ଛାତ୍ର ସାଧାରଣ ନାଗରିକ ତଥା ଯୁବପିଢ଼ିଙ୍କ ମଧରେ ମତଦାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୁଧବାର ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ୧୩ତମ ଜାତୀୟ ମତଦାତା ଦିବସ ପାଳନ କରାଯାଇଛି। ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବିକାଶ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର, ନାଗରିକ ଏବଂ ଯୁବପିଢ଼ି ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ନିର୍ବାଚନରେ ନିଜର ମତଦାନ ସାବ୍ୟସ୍ତ କରିବା ଲାଗି ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗଦେଇଥିଲେ। ଜାତୀୟ ମତଦାନ ଦିବସ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ମତଦାନ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ "ମତଦାନର ନାହିଁ ବିକଳ୍ପ, ଭୋଟ ମୁଁ ନିଶ୍ଚୟ ଦେବି କଲି ସଂକଳ୍ପ" ଶୀର୍ଷକ କଲେଜସ୍ତରୀୟ ବକ୍ତୃତା, କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୫ ଜଣ ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସଦର ଉପଜିଲାପାଳ ଦାଶରଥି ସରାବୁ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରବାସିନୀ ଚକ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ହାବ, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ, ଡେପୁଟି କଲେକ୍ଟର ସୁନୀଲ ମିଶ୍ର, ସଦର ତହସିଲଦାର କୁଳମଣି ରଣବି ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ ହେବା ବାଟ ଦେଖାଇଲେ ଉଦ୍ୟୋଗୀ

## ସରସ ମେଳାରେ ବ୍ୟବସାୟିକ ସାକ୍ଷାତକାର ସମ୍ମିଳନୀ

ରାଉରକେଲା ଅଫିସ,୨୫।୧



ସମ୍ମିଳନୀରେ ମଞ୍ଚାସୀନ ଅତିଥି ଏବଂ ସମ୍ବର୍ଦ୍ଧିତ ହକି ପ୍ରତିଭାଧାରୀ।

ରାଉରକେଲା ସେକ୍ଟର-୫ ଭଞ୍ଜ ଭବନ ସ୍ଥିତ ପ୍ରଦର୍ଶନୀ ପଡିଆ ପରିସରରେ ୧୧ଦିନ ହେଲାଣି ଚାଲିଛି ସରସ ମେଳା। ବୁଧବାର ସରସ ମେଳାରେ ଏସ୍ଏଚ୍‌ଜି ଏବଂ ମିଶନ ଶକ୍ତି ମହିଳାମାନଙ୍କୁ ବ୍ୟବସାୟିକ କ୍ଷେତ୍ରରେ ଅଧିକ ଆର୍ଥିକ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ଏକ ବ୍ୟବସାୟିକ ସାକ୍ଷାତକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ମହାଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀର ଶୁଭାରମ୍ଭ କରିଥିଲେ। ଏଥିରେ ଡାଲମିଆ ସିମେଣ୍ଟର ସିଏସ୍‌ଆର୍ ମୁଖ୍ୟ ସ୍ମୃତିରେଖା କର, କୁଲୁଙ୍ଗା ପିଏଣ୍ଡଏ/ଆଇଏଫ୍‌ଜିଏଲ୍‌ର ଜିଏମ୍ ନାରାୟଣ ସାହୁ, ଆର୍‌ସିସିଆଇର ସଭାପତି ସୁଶୋଭନ ପଟ୍ଟନାୟକ, ସୁନ୍ଦରଗଡ ଓର୍‌ମାସ୍‌ର ସିଇଓ କେଶବ ଝା, ଜିଲା ଡିପିଏମ୍ ଓଏଲ୍‌ଏମ୍ ସାମୁଏଲ ଟପ୍ପୋ, ଡିସିଓ ଅନୀଲ କେର୍କେଟା ଏବଂ ଜିଲା କ୍ରୀଡା ଅଧିକାରୀ ଅଭିଜିତ ମେହେତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଉଦ୍ୟୋଗୀମାନେ ସରସ ମେଳାରେ ଏସ୍ଏଚ୍‌ଜି ଏବଂ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ କ୍ଷୁଦ୍ର ଉଦ୍ୟୋଗଗୁଡିକ ବୁଲି ଦେଖିଥିଲେ। ଏହାସହ ମହିଳାମାନେ ଏସ୍ଏଚ୍‌ଜିରୁ କିଭଳି ଏମ୍‌ଏସ୍‌ଏମ୍‌ଇ ତଥା ଏଣ୍ଟରପ୍ରାଇଜେସ ସ୍ତରକୁ ପହଞ୍ଚିବ ଏବଂ ଅନ୍ୟମାନଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହେବେ ସେ ଦିଗରେ ଯତ୍ନଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସିନିୟର ହକି କୋଚ୍ ତେଜ କୁମାର ଖେସ୍, ମିଲଟନ ବିଲୁଙ୍ଗ, ବିଜୟ ଲାକ୍ରା, କ୍ରୀଡାବିତ୍ ଲିଲିମା ମିଞ୍ଜ, ନମିତା ଟପ୍ପୋ, ସୁନୀତା ଲାକ୍ରା, ପିଟର ତିର୍କୀ, ଅଭିଷେକ ଲାକ୍ରା, ଭାରତୀୟ ଜୁନିୟର ମହିଳା ହକିଦଳର ଫିଲିସିଆ ଟପ୍ପୋ ଓ ଜୀବନୀ କିଶୋରୀ ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ବାଲିଶଙ୍କରା ଏସ୍ଏଚ୍‌ଜିର ସଭାନେତ୍ରୀ ଇନ୍ଦୁମତୀ ନାଏକ, ଢେଙ୍କାନାଳ ଏସ୍ଏଚ୍‌ଜି ସହାୟିକା ପୁଷ୍ପାଳି ସାହୁ ସେମାନଙ୍କ କ୍ଷୁଦ୍ର ଉଦ୍ୟୋଗର ସଫଳତା ପଛର କାହାଣୀ ବର୍ଣ୍ଣନା କରିଥିଲେ।

# ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ରାଉରକେଲା ଅଫିସ,୨୫।୧

ରାଉରକେଲା ସେକ୍ଟର-୨୦ ସ୍ଥିତ ମିଶ୍ରଖଟାଲ ବସ୍ତିର ରାସ୍ତାକଡରୁ ଏକ ନବଜାତ ଶିଶୁକନ୍ୟାକୁ ବୁଧବାର ଉଦ୍ଧାର କରାଯାଇଛି। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉକ୍ତ ଶିଶୁକୁ ନେଇ ଆଇଜିଏଚ୍‌ରେ ପ୍ରାଥମିକ ଚିକିତ୍ସା କରାଇଥିଲା। ପରେ ଶିଶୁକୁ ଚାଇଲ୍ଡ ଲାଇନଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

ସୂଚନା ଅନୁସାରେ, ମିଶ୍ରଖଟାଲ ବସ୍ତିର ଦମୟନ୍ତୀ ତନ୍ତୀ ବୁଧବାର ଭୋର୍ ୫ଟାରେ ଉଠି ଘର ଦୁଆର ମୁହଁ ଝାଡୁ ମାରୁଥିବା ବେଳେ ହଠାତ ଉକ୍ତ ଶିଶୁ କାନ୍ଦୁଥିବା ଶୁଣିଥିଲେ। ପରେ ସେ ଓ ତାଙ୍କ ସ୍ୱାମୀ ପବନ ବାହାରକୁ ଆସି ରାସ୍ତାକଡରେ ଏକ ନବଜାତ ଶିଶୁକନ୍ୟା ପଡିଥିବା ଦେଖି ତାକୁ ଉଦ୍ଧାର କରି ଘରକୁ ଆଣିଥିଲେ। ଖବର ପାଇ ସେକ୍ଟର-୧୯ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଶିଶୁକନ୍ୟାକୁ ନେଇ ଆଇଜିଏଚ୍‌ରେ ପ୍ରାଥମିକ ଚିକିତ୍ସା କରାଇଥିଲା। ପୋଲିସ ଏ ନେଇ ବିଶ୍ରାରେ ଚାଇଲ୍ଡ ଲାଇନକୁ ଅବଗତ କରିବା ପରେ ଅପରାହ୍ନ ସାଢେ ୧ଟାରେ ଚାଇଲ୍ଡ ଲାଇନ (ଦିଶା) କର୍ତ୍ତୃପକ୍ଷ ସେକ୍ଟର-୧୯ ଥାନାରେ ପହଞ୍ଚି ଶିଶୁକନ୍ୟାକୁ ନେଇ ରାଉରକେଲା ସରକାରୀ


ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟା ।

ଡାକ୍ତରଖାନା(ଆରଜିଏଚ)ର ମାତୃଶିଶୁ ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ମାନସ ବାରିକଙ୍କୁ ପଚାରିବାରୁ ସେ କହିଲେ, ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାକୁ ଆମେ ବିଶ୍ରା ସ୍ଥିତ ଦିଶା ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛୁ। ଏହି ଶିଶୁକନ୍ୟାର ସମସ୍ତ ପ୍ରକାର ଚିକିତ୍ସା କରାଯିବା ପରେ ତାକୁ ସିଡବ୍ଲ୍ୟୁସିକୁ ପ୍ରଦାନ କରାଯିବ। ନବଜାତ ଶିଶୁକନ୍ୟାକୁ କିଏ ଓ କାହିଁକି ରାସ୍ତାକଡରେ ଛାଡିଛନ୍ତି ସେ ନେଇ ତଦନ୍ତ ଜାରି ରହିଛି। ତଦନ୍ତ ସରିବା ପରେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବାରିକ କହିଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ସରପଞ୍ଚ ସଂଘ

ଦେବଗଡ଼,୨୫।୧(ଡି.ଏନ୍.ଏ.)

ଉନ୍ନୟନ କାର୍ଯ୍ୟରେ ସହଯୋଗ କରୁ ନ ଥିବାରୁ ବାରକୋଟ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାନୀ ପଣ୍ଡାଙ୍କ ବିରୁଦ୍ଧରେ ଜିଲାପାଳଙ୍କ ଠାରେ ଫେରାଦ ହୋଇଛି ସରପଞ୍ଚ ସଂଘ। ଦେବଗଡ଼ ଜିଲା ସରପଞ୍ଚ ସଂଘର ସଭାପତି ତଥା କଲା ଗ୍ରାମ ପଞ୍ଚାୟତର ସରପଞ୍ଚ ସତ୍ୟନାରାୟଣ ପାଣିଙ୍କ ନେତୃତ୍ୱରେ ବାରକୋଟ ବ୍ଲକର ବହୁ ପୁରୁଷ ଓ ମହିଳା ସରପଞ୍ଚ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସହକାରୀ ନିର୍ବାହୀ ଯନ୍ତ୍ରୀ ରାନୀ ପଣ୍ଡାଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସ୍ମାରକପତ୍ର ଜରିଆରେ ଲିଖିତ ଭାବେ ଦାବି ଜଣାଇଛନ୍ତି। ସରପଞ୍ଚମାନେ ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ବାରମ୍ବାର ଦାବି କଲେ ମଧ କୌଣସି ସୁଫଳ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ସରପଞ୍ଚ ସଂଘର କର୍ମକର୍ତ୍ତା।

## ଉନ୍ନୟନ କାର୍ଯ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅସହଯୋଗ ଅଭିଯୋଗ

ମିଳୁନାହିଁ। ଗତ ୧୮ ତାରିଖରେ ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ପଞ୍ଚାୟତ ସମିତି ବୈଠକରେ ଏନେଇ ଜିଲା ସରପଞ୍ଚ ସଂଘ ସଭାପତି ପାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆ କର୍ଷଣ କରିବାସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ଜଣାଇଥିଲେ । ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେମାନେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ସାକ୍ଷାତ କରିବା ସହ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଯାଏ, ତେବେ ସେମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ ହେବେ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# ଜାତୀୟ ମତଦାତା ଦିବସରେ ଶପଥ ପାଠ

ଦେବଗଡ଼, ୨୫।୧(ଡି.ଏନ୍.ଏ.)

ତ୍ରୟୋଦଶ ଜାତୀୟ ମତଦାତା ଦିବସ ଅବସରରେ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ । ଗଣତନ୍ତ୍ର ରାଷ୍ଟ୍ରରେ ଭୋଟରଙ୍କ ଭୂମିକା ସମ୍ପର୍କରେ ଉପସ୍ଥିତ ଭୋଟରଙ୍କୁ ଉଦ୍‌ବୋଧନ ଦେବାସହ ପ୍ରତ୍ୟେକ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରି ଏକ ସୁସ୍ଥ ରାଷ୍ଟ୍ର ଗଠନ କରିବାକୁ ଉପାଧ୍ୟାୟ ଆହ୍ୱାନ ଦେଇଥିଲେ। ଜିଲାରେ ନୂତନ ଭୋଟର ଭାବେ ୪,୯୯୫ ସାବାଳକଙ୍କୁ ସାମିଲ କରାଯାଇଥିବାବେଳେ ନୂତନ ଭୋଟରଙ୍କୁ ଡିଜିଟାଲ ଭୋଟର ପରିଚୟପତ୍ର ଜିଲାପାଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ନୂତନ ଭୋଟର ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉପାଧ୍ୟାୟ ସଚେତନ ଭୋଟର ଭାବେ ରାଷ୍ଟ୍ର ହିତ ପାଇଁ ନିଜ ମତାଧିକାର ସାବ୍ୟସ୍ତ ପାଇଁ ସମୂହ ଶପଥ ପାଠ କରାଇଥିଲେ।

# ରେଳ ଯୋଗେ ଏନ୍‌ଟିପିସି ଦର୍ଲିପାଲିକୁ ପ୍ରଥମ କୋଇଲା ପରିବହନ



ସରଡେଗା ରେଲୱେ ସାଇଡିଂରୁ କୋଇଲା ପରିବହନ ଆରମ୍ଭ ସମୟରେ ଉପସ୍ଥିତ ଅଧିକାରୀ।

ସୁନ୍ଦରଗଡ଼,୨୫।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଦର୍ଲିପାଲିଠାରେ ପ୍ରତିଷ୍ଠିତ ବୃହତ୍ତ ତାପଜ ବିଦ୍ୟୁତ୍ ପ୍ରକଳ୍ପକୁ ଏମ୍‌ସିଏଲ୍‌ର ସରଡେଗା ରେଲୱେ ସାଇଡିଙ୍ଗରୁ ବୁଧବାରଠାରୁ ଭାରତୀୟ ରେଳଯୋଗେ ପ୍ରଥମ କରି କୋଇଲା ପରିବହନ ଆରମ୍ଭ ହୋଇଛି। ସରଡେଗା ରେଲୱେ ସାଇଡିଙ୍ଗ ଠାରୁ ଲଇକେରା ପର୍ଯ୍ୟନ୍ତ ଏନ୍‌ଟିପିସି ଦର୍ଲିପାଲିର ନୂତନ ନିଜସ୍ୱ ରେଳଲାଇନ ଯୋଗେ ଏହି ପ୍ରଥମ କୋଇଲା ରେକ ଯାଇଛି। ଏହି ଅବସରରେ ଏନ୍‌ଟିପିସି ଦର୍ଲିପାଲି ସିଜିଏମ୍ ଏ.କେ. ଟଣ୍ଡନ ଏହି ବଡ ଉପଲବ୍ଧି ହାସଲ ପାଇଁ ପ୍ରକଳ୍ପର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୫୦୮ ଚାଷୀ ସମ୍ମାନିତ

ବଡ଼ଗାଁ, ୨୫।୧(ଡି.ଏନ୍.ଏ.)

## ଗ୍ରାମୋତ୍ଥାନ ସଂଶୋଧନ କେନ୍ଦ୍ରରେ କୃଷି ମେଳା, ପ୍ରଦର୍ଶନୀ

ଗ୍ରାମୋତ୍ଥାନ ଯୋଜନା ଦେଶସାରା କୃଷକଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରୁଛି। ଏହାର ମୂଳ ଉଦ୍ଦେଶ୍ୟ ଚାଷୀଙ୍କୁ କେମିକାଲ ଓ ଅପ୍ରାକୃତିକ କୃଷିରୁ ଦୂରେଇ ରଖି ଜୈବିକ ଚାଷ ଆଡ଼କୁ ନେବା। ଏଭଳି କଲେ ଜମିର ଉର୍ବରତାକୁ ଫେରାଇ ଅଣାଯାଇପାରିବ। ଏହି ଉଦ୍ଦେଶ୍ୟକୁ ନେଇ ସୁନ୍ଦରଗଡ଼ ଜିଲା ଜରଙ୍ଗଲୋଇ ସ୍ଥିତ ଗ୍ରାମୋତ୍ଥାନ କେନ୍ଦ୍ରରେ ପ୍ରଶିକ୍ଷିତ ଚାଷୀଙ୍କୁ ନେଇ ଏକ କୃଷି ମେଳା ଓ ଉତ୍ପାଦ ପ୍ରଦର୍ଶନୀ ଏବଂ କୃଷକଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ ନେତାଜୀ ଜୟନ୍ତୀରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀ ସହିତ ସ୍ୱାମୀ ବିବେକାନନ୍ଦ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ମେଳାରେ ୬୦ଟି ଗାଁର ୫୦୮ ଜଣ ଜୈବିକ ଚାଷ କରୁଥିବା ଚାଷୀଙ୍କ ସହିତ ଯୁଥ କ୍ଳବର ଶହେ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉତ୍ଥାନ ଫାଉଣ୍ଡେସନ ଇଷ୍ଟ ଜୋନର ଜୋନାଲ ମୁଖ୍ୟ ଅଶୋକ ଗାନ୍ଧୀ, ସହ ଯୋଜନା ପ୍ରମୁଖ ଦିଲ୍ଲୀପ ବାଡିବା, କୃଷି ବିଜ୍ଞାନ କେନ୍ଦ୍ରର ପଦାଧିକାରୀ ଡକ୍ଟର ଲକ୍ଷ୍ମୀପ୍ରିୟା ପ୍ରଧାନ, ଜରଙ୍ଗଲୋଇ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ରର ଅଧକ୍ଷ ସୁନୀଲ ଅଗ୍ରୱାଲଙ୍କ ସହିତ ସମିତିର ସମସ୍ତ




କର୍ମକର୍ତ୍ତା , ସୁନ୍ଦରଗଡ, ରାଉରକେଲା, ଝାରସୁଗୁଡ଼ାର ୫୦ ଜଣ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଗ୍ରାମ ଉତ୍ଥାନ ଯୋଜନା ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟର ପ୍ରଶଂସା କରିଥିଲେ। ଉକ୍ତ ମେଳାରେ ୧୭୩ ଜଣ କୃଷକ କରିଥିବା କୃଷି ଉତ୍ପାଦନକୁ ପ୍ରଦର୍ଶିତ କରିଥିଲେ। କୃଷକମାନଙ୍କ ମଧ୍ୟରୁ ୭୦ଜଣଙ୍କୁ ଉଚ୍ଚମାନର ଉତ୍ପାଦନ ପାଇଁ ସମ୍ମାନିତ କରାଯାଇଥିଲା। ଜୈବିକ କୃଷି କରୁଥିବା ୫୦୮ ଜଣ କୃଷକଙ୍କୁ ସମ୍ମାନପତ୍ର ଦିଆଯାଇଥିଲା। ଚାଷୀମାନେ ଆଣିଥିବା କୃଷି ଉତ୍ପାଦନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିଶେଷ କରି ଛ କେଜି ଅମୃତଭଣ୍ଡା, ଚାରି ଫୁଟର ଲାଉ, ଚାଳିଶ କେଜି ସତାଲୁ, ୨୦୬ ଫଳ ଲାଗିଥିବା ଚାରା ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ୩୬ ପ୍ରକାର ସବୁଜ ଶାଗ, ବାଇଗଣ, ବିଲାତି, ଲଙ୍କା, ସବୁଜ କୋବି, ଫୁଲକୋବି ଆଦି ପନିପରିବା ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ମେଳାରେ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ର ଦାରା ପ୍ରଶିକ୍ଷିତ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ସିଲେଇ ପୋଷାକ, ଛତୁ, ଜୈବିକ ସାର, ଫଳ ଚାରା, ପନିପରିବା ଚାରା ପ୍ରଦର୍ଶିତ କରାଯାଇଥିଲା। କେନ୍ଦ୍ରର କର୍ମକର୍ତ୍ତା ରଞ୍ଜିତ ମହତୋ, ଏସ.ମିଶ୍ର , ବାସୁଦେବ ତନ୍ତୀ, ଅର୍ଜୁନ ଶର୍ମା, ରଜଦିପ ରାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବିଜେଡିରେ ସାମିଲ ହେଲେ ୮ ସରପଞ୍ଚଙ୍କ ସମେତ ଶତାଧିକ ସମର୍ଥକ



ଦେବଗଡ଼,୨୫।୧(ଡି.ଏନ୍.ଏ.)

ଦେବଗଡ଼ ଜିଲାରେ ବିଜେଡିର ୨୫ ବର୍ଷ ଉପଲକ୍ଷେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ଜିଲାର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦେବଗଡ଼ ଜିଲାରେ ଭାଜପା ବିଧାୟକ ଓ ସାଂସଦ ଗତ ୨୦୧୯ ନିର୍ବାଚନରେ ସେମାନଙ୍କ ଅଞ୍ଚଳର ବିକାଶ,ରୋଜଗାର ଭଳି ବିଭିନ୍ନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହେବା ପରେ ଜନସାଧାରଣଙ୍କ କୌଣସି ଅସୁବିଧା କିମ୍ବା ଅଞ୍ଚଳର ବିକାଶ ପାଇଁ କିଛି ନ କରି ପ୍ରତାରଣା କରିଥିବାରୁ ପୌରାଞ୍ଚଳରେ ଭାଜପାର ବହୁ ଦଳୀୟ କର୍ମକର୍ତ୍ତା ଓ ୮ଟି ପଞ୍ଚାୟତର ସରପଞ୍ଚଙ୍କ ସମେତ ସେମାନଙ୍କ ଶତାଧିକ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି। ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଦଳରେ ସ୍ୱାଗତ କରିଥିଲେ।

# ହାଇସ୍କୁଲରେ ଜାତୀୟ ମତଦାତା ଦିବସ

ଝାରସୁଗୁଡା ଅଫିସ/ବେଲପାହାଡ,୨୫।୧

ବେଲପାହାଡ଼ ବି.ଆର୍. ହାଇସ୍କୁଲ ପରିସରରେ ବୁଧବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନୂତନ ମତଦାତା ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବୁଥ୍ ଅଧିକାରୀ ସୁରେନ୍ଦ୍ର ରାଉତ, ସୌରଭ ପାଣି ଓ ଦିଲୀପ କୁମାର ସାହୁ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୨୫।୧

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେବା ସଂକ୍ରାନ୍ତରେ ଭାଜପା ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲଖନପୁର ବିଡିଓ ଜୟନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଉଲ୍ଲେଖ ରହିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ୨୦୧୮-୧୯ରେ ଯେଉଁ ହିତାଧିକାରୀ ତାଲିକା ରାଜ୍ୟ ସରକାର ପ୍ରସ୍ତୁତ କରିଥିଲେ ତାହା ତ୍ରୁଟିପୂର୍ଣ୍ଣ ରହିଥିଲା। ଏହି ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଥିଲା। ଏହାକୁ ଭାଜପା



ଭାଜପା କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଜୋରଦାର ବିରୋଧ କରିଥିଲା।ଦଳ ୩ବର୍ଷଧରି ତାଲିକା ସଂଶୋଧନ ପାଇଁ ଆନ୍ଦୋଳନ ଜାରି ରଖିଛି। ରାଜ୍ୟ ସରକାର ଓଡିଶାର ୨୭ଲକ୍ଷ ଲୋକଙ୍କ ପାଇଁ ଘର ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିବାବେଳେ ପ୍ରଧାନମନ୍ତ୍ରୀ ଗରିବ ଲୋକଙ୍କୁ ଆବାସ ଯୋଜନାରେ ଅଧିକ ୫୮ହଜାର ଘର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ପ୍ରକାଶ କରିଥିବା ତାଲିକାରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହାର ତଦନ୍ତ କରି ନିର୍ଭୁଲ ତାଲିକା ପ୍ରକାଶ ନ କରିବା ପର୍ଯ୍ୟନ୍ତ ରାଜ୍ୟ ସରକାର ଏହାକୁ ସ୍ଥଗିତ ରଖିବାପାଇଁ ଭାଜପା ଦାବି କରିଛି। ଏହା ନ ହେଲେ ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ସଭାପତି ସାହୁ, ଜିଲା ସାଧାରଣ ସମ୍ପାଦକ ଚକାନନ୍ଦ ସା, ଲଖନପୁର ମଣ୍ଡଳ ସଭାପତି ରାଜକୁମାର ସାହୁ, ପିତାମ୍ବର ମିଶ୍ର, କ୍ଷୀତିଭୂଷଣ ପ୍ରଧାନ, ସାମଲ ନାଏକ, ଆଲୋକ ସାହୁ, ବିଜୟ ସେଠ୍, ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୬/୨୦୨୩ Bhubaneswar, Thursday, January 26/ 2023

## ସଂକ୍ଷେପରେ

### ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ଭୋଟର ଦିବସ

**କଣ୍ଟାବାଞ୍ଜି,୨୫।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଦିନ ଜାତୀୟ ଭୋଟର ଦିବସ ପାଳିତ ହୋଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ପାଳିତ ଜାତୀୟ ଦିବସରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଗଣତନ୍ତ୍ର ରାଷ୍ଟ୍ରରେ ଭୋଟରଙ୍କ ଭୂମିକା କ'ଣ ଓ ରାଷ୍ଟ୍ର ନିର୍ମାଣରେ ନିଜର ଭାଗିଦାରିତା ଉପରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦିଆଯାଇଥିଲା । ଏହି ଦିବସ ପାଳନ ଅବସରରେ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁକୁନ୍ଦି ଲାଲ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧାପକ ବଳରାଜ ସିଂ ଦେଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଭୋଟର ଦିବସ ଉପରେ ନିଜର ମତ ରଖିଥିଲେ । ଏପରି କି ଜଣେ ୧୮ ବର୍ଷ ସମ୍ପୂର୍ଣ୍ଣ ହେଲା ପରେ ଭୋଟର କାର୍ଡରେ କିପରି ଆଧାର କାର୍ଡ ସଂଯୋଗ କରିବେ ଏବଂ ଭୋଟରଙ୍କ ମହତ୍ତ୍ୱ ଉପରେ କହିଥିଲେ ।

### ଭଦ୍ରା ୫-ଟି ସ୍କୁଲର କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ସଇଁତଲା,୨୫।୧(ଡି.ଏନ.ଏ.):** ଜିଲାପାଳ ଚଞ୍ଚଳ ରାଣା ତୃତୀୟ ପର୍ଯ୍ୟାୟରେ ୫-ଟିରେ ସାମିଲ ହୋଇଥିବା ସଇଁତଲା ବ୍ଲକ ଭଦ୍ରା ସ୍କୁଲ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ସମୟରେ ଟିଟିଲାଗଡ଼ ଉପ-ଜିଲାପାଳ ଦୟାମୟ ପାଢ଼ୀ, ବିଡ଼ିଓ ଚନ୍ଦ୍ରମଣି ନାଗ, ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା ଓ ସ୍କୁଲର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ୫-ଟିରେ ହେଉଥିବା କାର୍ଯ୍ୟ ଠିକ ଭାବରେ କରିବା ସହ ଯଥାଶୀଘ୍ର ଶେଷ କରିବାକୁ ଉପସ୍ଥିତ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଥିଲେ।

# ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଟିଟିଲାଗଡ,୨୫।୧(ଡି.ଏନ.ଏ.)**

**ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଖବରଦାତା ସମ୍ମିଳନୀ**

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ତରଫରୁ ଏକ ଖବରଦାତା ସମ୍ମିଳନୀ ଜିଲା ସଭାପତି ଆଲୋକ କୁମାର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଦୁଇ ସନ୍ତାନ ଆଇନ ଲାଗୁ କରାଯାଉ । ରାଜ୍ୟ ଓ କେନ୍ଦ୍ର ସରକାର ଆଇନକୁ ଯଥାଶୀଘ୍ର ଲାଗୁ କରନ୍ତୁ। ଉତ୍ତର ପ୍ରଦେଶ, ଆସାମ ଓ କର୍ଣ୍ଣାଟକ ରାଜ୍ୟରେ ଆଇନ ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତିଦିନ ଭାରତରେ ନବଜାତ ଶିଶୁ ୬୭୩୮୫ ଜନ୍ମ ହେଉଛନ୍ତି ସେଥିରୁ ସଂଖ୍ୟା ଲଘୁ ସଂପ୍ରଦାୟ ସଂଖ୍ୟା ଅଧିକ ରହିଛି। ଫଳରେ ଆସନ୍ତା କୋଡିଏ ବର୍ଷ ମଧ୍ୟରେ ଭାରତବର୍ଷରେ ହିନ୍ଦୁ ଧର୍ମାବଲମ୍ବୀ ସଂଖ୍ୟା ଲଘୁ ହୋଇଯିବ । ଏଭଳି ଭାବରେ ବୃଦ୍ଧି ପାଉଥିବା ଜନସଂଖ୍ୟା ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଭାରତ ଏକ ଭୟଙ୍କର ଗୃହଯୁଦ୍ଧର ସମ୍ମୁଖୀନ ହେବ । ଏହାର ଏକମାତ୍ର ସମାଧାନ ଆମେ ଦୁଇ ଆମର ଦୁଇ ଆଇନ ଲାଗୁ କରାଯାଉ। ଏହି ସମ୍ମିଳନୀରେ ପ୍ରଶାନ୍ତ ଷଡ଼ଙ୍ଗୀ ଜିଲା ଉପଦେଷ୍ଟା, ଲିଙ୍ଗରାଜ ନାୟକ ରାଜ୍ୟ ସଂପାଦକ, ଜିଲା ଉପସଭାପତି ସୁନ୍ଦରଲାଲ ଶର୍ମା, ଆଶିଷ ସାହୁ ଜିଲା ସଂଯୋଜକ, ଜୟରାଜ ସାହୁ, ନରସିଂହ ସିଂହ ଜିଲା ସଂପାଦକ, ଜାନେକ କୁମ୍ଭାର, ମିହିର ପଟ୍ଟନାୟକ, ଅଚ୍ୟୁତ ଶିକାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

**ଲୋଇସିଂହା,୨୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ପ୍ରଧାନ ମନ୍ତ୍ରୀ ଆବାସ ଦୁର୍ନୀତି ବଢ଼ିବାରେ ଲାଗିଛି । ବ୍ଲକର ଗୋଟିଏ ପରେ ଗୋଟିଏ ଗ୍ରାମରୁ ଏପରି ଅଭିଯୋଗ ଲମ୍ବିବାରେ ଲାଗିଛି । ବୁର୍ଡା ପଞ୍ଚାୟତ ସଦର ଗ୍ରାମର ଭକ୍ତ ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ଆଇଡିରେ ଆସିଥିବା ଘର ଅନ୍ୟ ଜଣେ ବ୍ୟକ୍ତି ହାତେଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ହୀରାପୁର ଗ୍ରାମରୁ ସମାନ ଅଭିଯୋଗ ଆଣି ଅଶ୍ୱିନୀ ଜାଲ ନାମକ ଜଣେ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏହାବାଦ ମୁଖ୍ୟଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗଣ ବିଭାଗ ସଚିବ ଏବଂ କେନ୍ଦ୍ର ସରକାରଙ୍କ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ହୀରାପୁର ପଞ୍ଚାୟତ ସଦର ଗ୍ରାମର ଜଣେ ନକଲି ହିତାଧିକାରୀ ଆବାସ ଯୋଜନା ଘର ହାତେଇ ଟଙ୍କା ଉଠାଇଥିବା ନେଇ ଗ୍ରାମର ଅଶ୍ୱିନୀ କୁମାର ଜାଲ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବ୍ଲକରେ ବହୁ ଯୋଗ୍ୟ ବ୍ୟକ୍ତି ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ପ୍ରଭାବଶାଳୀ ବ୍ୟକ୍ତି ସଲାସୁତରା କରି ଏକାଧିକ ଘର ହାତେଇ ନେଉଥିବା ଅଭିଯୋଗ ହେଉଛି। ନିକଟରେ ପ୍ରକାଶିତ ଆବାସ ତାଲିକାରେ ଅନିୟମିତତା ଅଭିଯୋଗ ଆଣି ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବ୍ଲକ ଆଗରେ ମଙ୍ଗଳବାର ଧାରଣା ଦିଆଯିବା ଚର୍ଚ୍ଚାର ବିଷୟ ହୋଇଛି।

# ବିଭିନ୍ନ ଗାଁ ବୁଲିଲେ ବିଧାୟକ ନରସିଂହ ମିଶ୍ର

**ବଲାଙ୍ଗୀର ଅଫିସ, ୨୫।୧**

ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ଶିବତଲା ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ବୁଧବାର ପରିଦର୍ଶନ କରିଥିଲେ। ପ୍ରଥମେ ସେ ଆଡେନ ଡୁଙ୍ଗୁରି ଗାଁକୁ ଯାଇ ସେଠାରେ ଚାଲିଥିବା ନାମଯଜ୍ଞରେ ସାମିଲ ହୋଇଥିଲେ। ଖ୍ରୀଷ୍ଟିଆନ ପଡାକୁ ଯାଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ବିଶେଷ କରି ଗ୍ରାମବାସୀ ପିଇବା ପାଣି ସମସ୍ୟାକୁ ନେଇ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ଆବାସ ଗୃହ, ଭତ୍ତା, ବିଦ୍ୟୁତ୍ ସମସ୍ୟା ଦୂର ଲାଗି ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ସେଠାରୁ ସେ ଲୁଟୁକିବନ୍ଧକୁ ଯାଇ ସେଠାକାର ଲୋକଙ୍କୁ ଭେଟି ତାଙ୍କର ସମସ୍ୟା ଶୁଣିଥିଲେ। ଆଲୋଚନା ସମୟରେ ଗ୍ରାମବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାତର ଅନ୍ତର ହେଉଥିବା ଅଭିଯୋଗ କରିଥିଲେ । ଏହାକୁ ନେଇ ବିଧାୟକ ମିଶ୍ର ବିଭାଗ ସହିତ ଆଲୋଚନା କରିବା ପାଇଁ କହିଥିଲେ। ବିଧାୟକଙ୍କ ଆଜିର ଏହି ଗସ୍ତ ସମୟରେ କଂଗ୍ରେସ ନେତା ସରୋଜ ରଥ, ରିଙ୍କୁ ଦୀକ୍ଷିତ, ପର୍ଶୁରାମ ଦୀକ୍ଷିତ, ବ୍ରଜ ଧରୁଆ, ରାମକୁମାର ଭୋଇ, ଗୋପ ମେହେରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମତ୍ସ୍ୟ ପାଳନ ତାଲିମ ଶିବିର

**ଗୋଲାମୁଣ୍ଡା,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ କୁମ୍ଭାରୀ ଗ୍ରାମଠାରେ ଆଇଟିସି ମିଶନ ସୁନେହରା କଲ ପ୍ରକଳ୍ପ ଅନୁକୂଲ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନ, ମାନବ ଅଧିକାର ସେବା ସମିତି ପକ୍ଷରୁ ଏକ ମତ୍ସ୍ୟ ପାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମ କୁମ୍ଭାରୀ ଓ ଟେମିରି ଗ୍ରାମରୁ ୫୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଗୋଲାମୁଣ୍ଡା ଏଏଫଓ ମନୋରଞ୍ଜନ ମାଝି ଚାଷୀମାନଙ୍କୁ କିଭଳି ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କରି କିଭଳି ଲାଭବାନ ହେବେ ସେ ନେଇ ତାଲିମ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନା କିଭଳି ଲାଭବାନ ହେବେ ହେବେ ସେ ନେଇ ଆଲୋକପାତ କରିଥିଲେ। ଶିବିରରେ ଟେମିରୀ ସରପଞ୍ଚ ପ୍ରତିନିଧି ବେଭାରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାସ ଅନୁଷ୍ଠାନର ଭେଲାମଣି ବାଗ ପରିଚାଳନା କରିଥିଲେ। ଗୋଷ୍ଠୀ ସଂଯୋଜକ ଉମାକାନ୍ତ କଟା, କିଷାନ ମିତ୍ର, ଲବଣି ଗୋପାଳ, ୱାର୍ଡମେମ୍ବର ଲିପିକା ଗୋପାଳ, ଦୁଃଖୀରାମ ସା ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ମତଦାତା ଦିବସ

**ଲାଞ୍ଜିଗଡ଼,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ମା' ହିରାନିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ମା' ହିରାନିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ କଙ୍କଣ ରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ମତଦାତା କାର୍ଯ୍ୟକ୍ରମରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୁତି ଭୂଷଣ ଶତପଥୀ, ଜିପିଓ ସରୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଭାଗ ନେଇ ନିଜର ମତାଧିକାର ସାବ୍ୟସ୍ତ ଦିଗରେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଗଣେଶ



@ ସିଦ୍ଧେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

# ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ନେଇ ବିଡିଓଙ୍କୁ ଦାବିପତ୍ର ଦେଲା ଭାଜପା

ଡୁଙ୍ଗୁରିପାଲି,୨୫।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେବାକୁ ଡୁଙ୍ଗୁରିପାଲି ବ୍ଲକ ଭାଜପା ଶାଖା ଦାବି କରିଛି । ବୁଧବାର ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ନିତେଇ ପାଲଙ୍କ ନେତୃତ୍ୱରେ ଦଳୀୟ କର୍ମୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ତ୍ରିପୁର ମହାନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।୨୦୧୮ – ୧୯ ମସିହାରେ ରାଜ୍ୟ ସରକାର ହିତାଧିକାରୀଙ୍କ ଯେଉଁ ତାଲିକା ପ୍ରସ୍ତୁତ କରିଥିଲେ, ତାହା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ଥିବାରୁ ଏହାକୁ ବିରୋଧ କରୁଛୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଯଦି ଜଣେ ବି ଅଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ କାର୍ଯ୍ୟାଦେଶ ପ୍ରାପ୍ତ ହେଉଛି ଏବଂ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡୁଛି , ତେବେ ଭାଜପା ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏଣୁ ବ୍ଲକର ସମସ୍ତ ୨୬ଟି ଗ୍ରାମ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଏଥିରେ ଦାବି କରାଯାଇଛି । ଆଗାମୀ ୭ ଦିନ ମଧ୍ୟରେ ଯୋଗ୍ୟ ତାଲିକା ପ୍ରକାଶ କରିବାକୁ ଭାଜପା ଦାବି ଜଣାଇଛି । ଯଦି ସରକାର ଏହାକୁ ଅଣଦେଖା କରନ୍ତି ଓ ଗ୍ରାମସଭାର ଆୟୋଜନ କରି ଅଯୋଗ୍ୟ ଲୋକଙ୍କୁ ଘର ଆବଣ୍ଟନ କାର୍ଯ୍ୟାଦେଶ ଦେବାକୁ ଚେଷ୍ଟା କରାଯାଏ, ତେବେ ଆଗାମୀ ସପ୍ତାହରୁ ଘର ପାଇବାରୁ



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

ବଞ୍ଚିତ ଯୋଗ୍ୟ ବ୍ୟକ୍ତିଙ୍କ ସହଯୋଗରେ ଭାଜପା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶୁଖା ମଣ୍ଡଳ ସଭାପତି ସୁରେଶ ପଧାନ, ରାମପୁର ମଣ୍ଡଳ ସଭାପତି ରୁପଧର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ, ରଥ ସାହୁ, ଧବଳେଶ୍ୱର ପ୍ରଧାନ, ଗୋପାଳ ପ୍ରଧାନ , କଳାକାହ୍ନୁ ମହାନନ୍ଦ, ଟିକେଶ୍ୱର ବରିହା, ଅଣାକାର ବିଶେଶ୍ୱର,ପଞ୍ଚୁ ମଟାରୀ, ଯୁଗେନ୍ଦ୍ର ବଗର୍ତ୍ତୀ, ଏସ. ବରିହା, ରାହାସ ଦଣ୍ଡସେନା, ଭୁବନେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିନିକାରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ

ବିନିକା,୨୫।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ମିଶନ ଶକ୍ତି ସଭାଗୃହ ଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ବାଲ୍ୟ ବିବାହକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଜିଲା ପରାମର୍ଶଦାତା ରାକେଶ ପଧାନ ଯୋଗଦେଇ ଶିଶୁଙ୍କ ସୁରକ୍ଷା ଓ ବାଲ୍ୟ ବିବାହ କୁ ସମ୍ପୂର୍ଣ ଭାବେ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ରୁଦ୍ର ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ଅମରପାଲି,୨୫।୧(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦର୍ଶାଇ ବୁଧବାର ବୀରମହରାଜପୁର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା । ଏହି ଅବସରରେ ବିଡିଓ ମୋତିଲାଲ ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଇଂ ରଘୁନାଥ ଜଗଦଲାଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ଡାକବଙ୍ଗଳାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ପର୍ଯ୍ୟନ୍ତ ଯାଇ ଘେରାଉ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ନ ମିଳି ଅଯୋଗ୍ୟ ଲୋକଙ୍କୁ ଚୟନ କରାଯାଇଥିବା ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ କରି ଗରିବ ଲୋକଙ୍କୁ ଘର ଯୋଗାଇ ଦେବାକୁ ଦାବି କରାଯାଇଥିଲା । ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଭାଜପା ଜିଲା ଉପ ସଭାନେତ୍ରୀ ନଳିନୀ ପଣ୍ଡା, ସାଧାରଣ ସମ୍ପାଦକ ବେଣୁଧର ଦାଶ,ମଣ୍ଡଳ ସଭାପତି ହରିହର ପାତ୍ର,ସୁମନ୍ତ ଜଗଦଲା,ରଶ୍ମିତା ଷଡ଼ଙ୍ଗୀ,ସୁରୁବାବୁ ସାହୁ, ରାଧାଚରଣ ମେହେର,ଭୋଳା ଶଙ୍କର ବାଘ,ଶରତ ମିଶ୍ର, ସନତ କୁମାର ହୋତା, ଅମିତ କୁମାର ଭୋଇ, ସେନାପତି ଭୋଇ, ରାମ ପ୍ରସାଦ କର୍ଣ୍ଣ, ଶୁକ ଚରଣ ଭୋଇ, ସୌମିତ୍ରୀ ବିଶ୍ୱାଳ, ଲକ୍ଷିନ୍ଦ୍ର ପଧାନ,ବଳରାମ ଦୀପ ପ୍ରମୁଖ ଉପସ୍ଥିତ ଥିଲେ । ଚୟନ ପ୍ରକ୍ରିୟାରେ ଅନିୟମିତତା ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ

ସୋନପୁର, ୨୫।୧(ନି. ପ୍ର )

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜାତୀୟ ସଙ୍ଗୀତ ଗାନ ପରେ ସମସ୍ତ ମତଦାତା ସଂକଳ୍ପ ପାଠ କରିଥିଲେ । ଜାତୀୟ ମତଦାତା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନୀଲ ନରୱଣେ। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଶିକ୍ଷକ ଉତ୍ତମ କୁମାର ପ୍ରଧାନଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି । ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ସେମାନଙ୍କୁ ଭୁବନେଶ୍ୱରଠାରେ ସମ୍ମାନିତ କରି ଥିବାରୁ ସଭାରେ ଉଚ୍ଚ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ମତଦାତାଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପ୍ରଚାର ପତ୍ର ଉନ୍ମୋଚନ ଏବଂ ନୂତନ ଭୋଟରମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଭୋଟର ସଚେତନତା ଓ ପରିଚୟ ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ସୋନପୁର ନିର୍ବାଚନମଣ୍ଡଳୀରୁ ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତରଭା ବିଡ଼ିଓ ବିନୟ ପଟେଲ, ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦ ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀରୁ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ, ଉଲୁଣ୍ଡା ବିଡିଓ ହେମସାଗର ଭୋଇ ଓ ବିନିକା ବିଡିଓ ବ୍ୟାସଦେବ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଓ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୃଥାଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟଦ୍ରଥ ଜଗଦଲା, ପଦ୍ମଲୋଚନ ଧରୁଆ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଗଣେଶ



@ ସିଦ୍ଧେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୬/୨୦୨୩ Bhubaneswar, Thursday, January 26/ 2023

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଭଗପଡ଼ା ଚାମ୍ପିୟନ

**କୁଚିଣ୍ଡା,୨୫।୧(ଡି.ଏନ.ଏ.)**

ବାମରା ବ୍ଲକ ଉଜ୍ଜକାପାଟ ପଞ୍ଚାୟତ ଭଗପଡ଼ାଠାରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଭଗପଡା ମା’ ସରସ୍ୱତୀ କ୍ଲବ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଭଗପଡ଼ା ଓ ଜାଉରୁମାଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିବା ବେଳେ ଭଗପଡ଼ା ୧–୦ଗୋଲରେ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ନରେଶ ବାଘ, ବିକ୍ରମ ସି ନାଏକ, ବସନ୍ତ ମାଝି ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ରଥି ଲୁହାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମିତି ସଭ୍ୟା ସୌଦାମିନୀ ନାଏକ ମୁଖ୍ୟଅତିଥି, ଚାଷୀନେତା ଯୋଗବିହାରୀ ପରିଡା ମୁଖ୍ୟବକ୍ତା, ଖବରଦାତା କ୍ଷୀରୋଦ ସା, ୱାର୍ଡ ସଭ୍ୟା ବାସନ୍ତି କେଛୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଗଣ ଚାମ୍ପିୟନ ଦଳକୁ ଟ୍ରଫିସହ ୧୫ହଜାର ଓ ରନର୍ସଅପ ଦଳକୁ ଟ୍ରଫିସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ।

# ଅନିୟମିତତା ଧରାପଡ଼ିବା ପରେ ହେଉନି କାର୍ଯ୍ୟାନୁଷ୍ଠାନ

**ସମ୍ବଲପୁର,୨୫।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ କିଲାସମା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଅନନ୍ୟା ଦାସଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ହୋଇଥିଲା। ତଦନ୍ତ କରି କମିଟି ଜିଲାପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ମାପଚୁପ ନ କରି ମନଇଚ୍ଛା ଟଙ୍କା ଉଠାଯାଇଥିବା ଦର୍ଶାଯାଇଛି। ସୂଚନା ଅଧିକାର ଆଇନରେ ତଦନ୍ତ ରିପୋର୍ଟ ମଧ୍ୟ ହସ୍ତଗତ ହୋଇଛି। ଏଥିରେ ଜିଆର୍‌ଏସ୍‌ଙ୍କୁ ମୁଖ୍ୟତଃ ଦାୟୀ କରାଯାଇଛି। କାମର ମେଜେରମେଣ୍ଟ ନ କରି ଟଙ୍କା ଦିଆଯାଇଛି। ଏହାସହ କାମ ଚାଲୁରହିଥିବା ମଧ୍ୟ ରିପୋର୍ଟରେ ଦର୍ଶାଯାଇଛି।

ଜିଆରଏସ୍ କାମ କରିବା ସହ ମଷ୍ଟର ରୋଲ ତିଆରି କରନ୍ତି। ଜେଇଙ୍କ ନାମରେ

**କିଲାସମା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଘଟଣା**

ମଷ୍ଟର ରୋଲ ବାହାର କରାଯାଇଥାଏ। କାମ ହେବା ସମୟରେ ୨ଦିନ ଭିତରେ ଜେଇ ଓ ୫ଦିନ ଭିତରେ ଏଇ ମେଜରମେଣ୍ଟ କରିବା ପରେ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ପାସ୍ ଫର ପେମେଣ୍ଟ କରନ୍ତି। ଏହାପରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀ ମିଳିତ ଭାବେ ଡିଜିଟାଲ ସିଗ୍‌ନେଚର ତଥା ଇଲେକ୍ଟ୍ରିକାଲ ଫଣ୍ଡ ଟ୍ରାନ୍ସଫର ମେଜରମେଣ୍ଟ ସିଷ୍ଟମରେ ଟଙ୍କା ଦେଇଥାନ୍ତି। ପ୍ରକଳ୍ପରେ ବ୍ୟବହାର ସାମଗ୍ରୀ ଟଙ୍କା ଓ ଶ୍ରମିକମାନଙ୍କ ମଜୁରି ଟଙ୍କା ଦିଆଯାଇଥାଏ। ଏତେସବୁ ନିୟମ ରହିଥିବାବେଳେ ସରକାରୀ ଜମା ଖାତାରୁ ଲକ୍ଷାଧିକ ବିନା କାମ କରି କିଭଳି ଉଠିଲା ଓ ଯେଉଁମାନଙ୍କ ଦାୟିତ୍ୱ ରହିଛି ସେମାନେ ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ୪ଦିନ ପୂର୍ବେ ଜିଲା ପରିଷଦ ସଭାକକ୍ଷରେ ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ଦୁର୍ନୀତି ପ୍ରସଙ୍ଗ ଉଠିଥିଲା। ସେ ସମୟରେ ମଧ୍ୟ ଜିଲା ପରିଷଦ ନିର୍ବାହୀ ଅଧିକାରୀ ବଳ ରିପୋର୍ଟ ହସ୍ତଗତ ହୋଇଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ ରାଜନୈତିକ ଚାପ ଯୋଗୁ ଦୁର୍ନୀତି ଚପାଇ ଦେବାକୁ ପ୍ରଶାସନ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ନିର୍ବାହୀ ଅଧିକାରୀ ବଳ କହିଛନ୍ତି, ବିଭାଗୀୟ ତଦନ୍ତର ପ୍ରାଥମିକ ରିପୋର୍ଟ ହସ୍ତଗତ ହୋଇଛି। ଲୋକପାଳ ପକ୍ଷରୁ ତଦନ୍ତ କରାଯାଇଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ପଞ୍ଚାୟତ ସୁରକ୍ଷା ସମିତି ସଙ୍ଗଠନର ସଦସ୍ୟମାନେ ଜିଲାପରିଷଦ ନିର୍ବାହୀ ଅଧିକାରୀଙ୍କ ପାଖରେ କରିଥିବା ଅଭିଯୋଗ ଅନୁଯାୟୀ ବଡ ପ୍ରଧାନପାଲି ଗ୍ରାମଠାରୁ ଆର୍‌ଡି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା କାମରେ ଶ୍ରମିକଙ୍କ ନାମରେ ୨୯,୭୮୧ଟଙ୍କା ଓ ମୋରମ ବିଛାଇବା ନାମରେ୬୯,୯୯୮ ଟଙ୍କା ଚଳୁ କରାଯାଇଛି। ସେହିପରି ପ୍ରଧାନପାଲି ଗ୍ରାମର ତଲିପଡା ରାସ୍ତା ଉନ୍ନତୀକରଣ କରା ନ ଯାଇ ୯୧,୯୦୮ ଟଙ୍କା ବିଲ୍ ଉଠାଯାଇଛି। ସେହିପରି ସାଲେଟିକ୍ରା ଗ୍ରାମରେ ଟ୍ରେଞ୍ଚ ଖୋଳା କାମରେ ଅନିୟମିତତା କରାଯାଇଛି। ବନ ବିଭାଗ ପକ୍ଷରୁ ଏଠାରେ ଟ୍ରେଞ୍ଚ ଖୋଳା ଯାଇଥିଲା। ହେଲେ ଏହାକୁ ଦେଖାଇ ପୁଣି ଥରେ ବିଲ କରାଯାଇ ୨ ଲକ୍ଷ ୭ ହଜାର ୭୯୨ ଟଙ୍କା ଉଠାଇ ନିଆଯାଇଛି। ସେହିପରି ବଲବସପୁର ଗ୍ରାମ ବିଜଲାପଡା ରାସ୍ତା ଉନ୍ନତୀକରଣ ନାମରେ ୧ ଲକ୍ଷ ୬ ହଜାର ଓ ମୋରମ ବିଛାଇବା ବାବଦକୁ ୬୦ ହଜାର ୫୮୦ ଟଙ୍କା ବାଟମାରଣା କରାଯାଇଛି। ଏହି ଦୁର୍ନୀତି ନେଇ ୨୦୨୨ ସେପ୍ଟେମ୍ବର ୨୬ ଠାରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ସରପଞ୍ଚ ଅନଶନରେ ବସିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଗଣେଶ



@ ସିଦ୍ଧେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ରିକେଟ ଟୁର୍ନାମେଣ୍ଟ: ଯୁରାପାଲି ଚାମ୍ପିୟନ

**ନାକଟିଦେଉଳ,୨୫।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଯୁରାପାଲି ଗ୍ରାମର ମା’ ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମାହେଶ୍ୱରୀ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୮ ଦଳ ଭାଗନେଇଥିବା ବେଳେ ଫାଇନାଲ ମ୍ୟାଚ ଗୋଧିଡିପ ଓ ଯୁରାପାଲି ମଧ୍ୟରେ ହୋଇଥିଲା। ଗୋଧିଡିପ ଦଳ ୧୧.୩ଓଭରରେ ସମସ୍ତ ଉଇକେଟ ହରାଇ ୫୪ରନ ସଂଗ୍ରହ କରିଥିଲା। ଜବାବରେ ଯୁରାପାଲି ଦଳ ୭.୪ଓଭରରେ ୪ ଉଇକେଟ ହରାଇ ୫୫ରନ କରି ଚାମ୍ପିୟନ ହୋଇଥିଲା। ଯୁରାପାଲିର ଲିକୁନ ସାହୁ ମ୍ୟାନ ଅଫ ଦି ସରିଜ ଓ ସୁରଞ୍ଜନ ନାଏକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୈଳେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଭାଜପା ନେତା ଦେବେନ୍ଦ୍ର କୁମାର ମହାପାତ୍ର ମୁଖ୍ୟଅତିଥି, ସରାପାଲି ସରପଞ୍ଚ ଶିବାନୀ ବାରିକ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଅତୁଲ୍ୟ ସେଠୀ ଓ ରାଜକିଶୋର ସାହୁ ମ୍ୟାଚ ପରିଚାଳନା କରିଥିଲେ।

## ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ

**ସମ୍ବଲପୁର,୨୫।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ଏଡିଏମ୍ ଅଜାମ୍ବର ମହାନ୍ତି, ଉପଜିଲାପାଳ ପ୍ରଭାଶ ଡନସେନା ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅଧିକାରୀ–ଖବରଦାତା ଆଲୋଚନା

**ରେଢ଼ାଖୋଲ,୨୫।୧(ଡି.ଏନ.ଏ.)**

ରେଢ଼ାଖୋଲ ଉପଖଣ୍ଡର ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଖବରଦାତାଙ୍କ ଏକ ଆଲୋଚନା ବୁଧବାର ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଶାସନିକ ଅଧିକାରୀ ଓ ଖବରଦାତାଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅଞ୍ଚଳର ବିକାଶ ହେବ ବୋଲି ମତପ୍ରକାଶ ପାଇଥିଲା। ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଏଥିରେ ପୋଲିସ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ବିଡିଓ ମନୋଜ ମେହେର, ଡେପୁଟି କଲେକ୍ଟର ସୁବାସ ଚନ୍ଦ୍ର ମହାନ୍ତି, ଏସିଏଫ୍ ଦେବିପ୍ରସାଦ ରାଉତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଖବରଦାତାଙ୍କ ମଧ୍ୟରେ ବୈକୁଣ୍ଠ ସାହୁ, ସଂଘ ସମ୍ପାଦକ ଦେବାନନ୍ଦ ପ୍ରଧାନ, ରଞ୍ଜିତ ଦେହୁରି, ସୁଶାନ୍ତ ପ୍ରଧାନ, ସନ୍ତୋଷ ସାହୁ, ଯୋଗଜନ୍ମା ଦାସ ଶର୍ମା, ମହାବୀର ସିଂଦେଓ ଉପସ୍ଥିତ ରହି ଆଲୋଚନା କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ